

ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟ ନାମ ହେଉଛି କୃତ୍ରିମ ଦାରିଦ୍ର୍ୟ। - ସକ୍ରେଟିସ୍



## ସଂକ୍ଷେପରେ

### ଦାୟିତ୍ୱ ନେଲେ ୫ ନୂଆ ମହାପ୍ରବନ୍ଧକ

ଦାମନଯୋଡ଼ି,୯।୯(ଡି.ଏନ୍.ଏ.): କୋରାପୁଟ ଜିଲା ଦାମନଯୋଡ଼ିଠାରେ ଥିବା ଜାତୀୟ ଆଲୁମିନିୟମ୍ ଖଣି ଓ ପରିଶୋଧନ ପ୍ରକଳ୍ପ (ନାଲ୍କୋ)ରେ ନୂତନ ଭାବେ ୫ ଜଣ ମହାପ୍ରବନ୍ଧକ ବିଭିନ୍ନ ବିଭାଗରେ ଦାୟିତ୍ୱ ନେଇଛନ୍ତି। ମହାପ୍ରବନ୍ଧକ ଅରୁଣ କୁମାର ଦାସ ପୂର୍ବରୁ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ସେ ବିଧିବଦ୍ଧ ଭାବେ ମହାପ୍ରବନ୍ଧକ ଖଣି ପୂର୍ଣ୍ଣକାଳୀନ ଦାୟିତ୍ୱ ନେଇଛନ୍ତି। ମହାପ୍ରବନ୍ଧକ ଅର୍ଥ ରମେଶ ଚନ୍ଦ୍ର ଯୋଶୀ ପୂର୍ବରୁ ଭାରପ୍ରାପ୍ତ ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ସେ ପୂର୍ଣ୍ଣକାଳୀନ ମହାପ୍ରବନ୍ଧକ ଅର୍ଥ ଭାବେ ଦାୟିତ୍ୱ ନେଲେ। ମହାପ୍ରବନ୍ଧକ ଓ ଆଣ୍ଡ ଏମ୍ ରିଫାଇନେରି ନେତ୍ରାନନ୍ଦ ମହାରଣା ପୂର୍ବରୁ ଭାରପ୍ରାପ୍ତ ମହାପ୍ରବନ୍ଧକ ଓ ଆଣ୍ଡ ଏମ୍ ଖଣି ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ସେ ପୂର୍ଣ୍ଣକାଳୀନ ମହାପ୍ରବନ୍ଧକ ଓ ଆଣ୍ଡ ଏମ୍ ପରିଶୋଧନ ପ୍ରକଳ୍ପ ଦାୟିତ୍ୱ ତୁଲାଇବେ। ରବି ନାରାୟଣ ଉପାଧ୍ୟାୟ ପୂର୍ବରୁ ଉପ ମହାପ୍ରବନ୍ଧକ ଖଣି ଭାବେ ଦାୟିତ୍ୱ ତୁଲାଇଥିଲେ । ବର୍ତ୍ତମାନ ପଦୋନ୍ନତି ପାଇ ମହାପ୍ରବନ୍ଧକ ଏଚ୍ ଆଣ୍ଡ ଏ ଭଳି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରମୋଦ କୁମାର ପାତ୍ର ପୂର୍ବରୁ ଉପ ଟେଣ୍ଡେରସେଲ୍ ମହାପ୍ରବନ୍ଧକ ଥିଲେ। ବର୍ତ୍ତମାନ ପଦୋନ୍ନତି ପାଇ ମହାପ୍ରବନ୍ଧକ ଓ ଆଣ୍ଡ ଏମ୍ ଏବଂ ଏସ୍‌ପିପି ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାପ୍ରବନ୍ଧକମାନେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

### ବିଦ୍ୟୁତ ବିଭାଗର ବିଚିତ୍ର ରସିଦ୍

#### ବିଲ୍ ଦେଲେ ପଡୁଛି ଆଗୁଆ ୧୫ ଦିନର ତାରିଖ





ସୁନାବେଡ଼ା,୯।୯(ଡି.ଏନ୍.ଏ.): ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ସାଉଥ୍‌କୋ ଅଫିସ୍‌ରେ ଗ୍ରାହକ ବିଲ୍ ପଇଠ କରିବା ବେଳେ ସେମାନଙ୍କୁ ଯେଉଁ ହାତଲେଖା ରସିଦ୍ ଦିଆଯାଉଛି, ସେଥିରେ ଆଗାମୀ ୧୦ରୁ ୧୫ ଦିନ ପରର ତାରିଖ ଲେଖି ଦିଆଯାଉଛି। ଏହାର କାରଣ ପଚାରିବାରୁ କଲେକ୍ସନ ଦାୟିତ୍ୱରେ ଥିବା କିରାଣି କହିଥିଲେ ଯେ ସେ ଏହା ସମସ୍ତଙ୍କୁ ଲେଖିକରି ଦେଉଛନ୍ତି। ବ୍ୟସ୍ତତା ଭିତରେ ରସିଦରେ ଏହା କେହି ଦେଖୁ ନଥିବାରୁ ଏହାର ଫାଇଦା ନେଉଛନ୍ତି ଉକ୍ତ କିରାଣି। ଆଦାୟ ବିଲ୍ ପଇଠ ନକରି ସେ ତାରିଖ ପକାଇଥିବା ଦିନ ପର୍ଯ୍ୟନ୍ତ ନିଜ ନିକଟରେ ରଖୁଥିବା ଅଭିଯୋଗ ହୋଇଛି। ଲୋକେ ବ୍ୟସ୍ତହୋଇ ନିଜ ବିଲ୍ ଠିକ୍ ସମୟରେ ପଇଠ କରୁଥିବା ବେଳେ ଏହା ବିଭାଗକୁ ଯାଉଛି କି ନା, ତାହା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ସାଉଥ୍‌କୋ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ ଯେ ସେ ତାଙ୍କୁ ତାଗିଦ୍ କରିଦେଇଛନ୍ତି। କିରାଣି ଜଣକ ଏପରି ଆଉ କରିବେ ନାହିଁ।

# ଖୋଲିଲା ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା'

ଭୁବନେଶ୍ୱର ୯।୯(ବ୍ୟୁରୋ)

ଆଦିବାସୀମାନଙ୍କ ବିଭିନ୍ନ ସାମଗ୍ରୀର ବ୍ୟାପକ ବ୍ୟବସାୟ ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍(ଟିଡିସିସିଓଏଲ୍) ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା' ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହାକୁ ଉଦ୍‌ଘାଟନ କରିଥିଲେ। ରୂପାଲି ଛକସ୍ଥିତ ଟିଡିସିସିଓଏଲ୍ ପରିସରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ଗ୍ରାହକମାନେ ଓଡ଼ିଶା ଜନଜାତିମାନଙ୍କ ବିଭିନ୍ନ ସାମଗ୍ରୀ ଯଥା ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟ, ଜନଜାତି ହସ୍ତତନ୍ତ, ହସ୍ତକଳା, ହସ୍ତଶିଳ୍ପ, ଅଳଙ୍କାର, ମସଲା, ଚିତ୍ରକଳା ଓ ଖାଦ୍ୟ ସାମଗ୍ରୀ ଆଦି ସୁବିଧାରେ ପାଇପାରିବେ। ମାଣ୍ଡିଆ ବିସ୍କୁଟ୍, ପିଠା, ମାଣ୍ଡିଆରେ ପ୍ରସ୍ତୁତ ପାଉଁରୁଟି ବା ବ୍ରେଡ୍ ଭଳି ସ୍ୱାସ୍ଥ୍ୟ ହିତକର ଜନଜାତି ଖାଦ୍ୟର ବ୍ୟାପକ ବଜାର ସୃଷ୍ଟି ନିମନ୍ତେ ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିବା ଟିଡିସିସିଓଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ମାନସୀ ନିମ୍ବାଲ୍ ସୂଚନା ଦେଇଛନ୍ତି।

ଟିଡିସିସିଓଏଲ୍ ତରଫରୁ ରାଜ୍ୟର ୬ ଜିଲାରେ ଏଭଳି ୧୧ଟି ସ୍ୱତନ୍ତ୍ର ଷ୍ଟୋର୍ ଖୋଲାଯାଇଛି। ଏହାବ୍ୟତୀତ ଏକ ଭ୍ରାମ୍ୟମାଣ ଷ୍ଟୋର୍ 'ଟ୍ରାଇବାଲ୍ସ ଅନ୍ ହ୍ୱିଲ୍ସ'ର ବ୍ୟବସ୍ଥା କରାଯାଇଛି। ଏହି ଷ୍ଟୋର୍‌ଗୁଡ଼ିକରୁ ଗ୍ରାହକମାନେ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଖାଦ୍ୟ ସାମଗ୍ରୀ ଏବଂ ଘରକରଣା ସାମଗ୍ରୀ କିଣିପାରିବେ। ପୂର୍ବରୁ ଏ ସବୁ ସାମଗ୍ରୀ ଟ୍ରାଇବାଲ ମ୍ୟୁଜିୟମ୍ ସହ ଭୁବନେଶ୍ୱରର ଅନ୍ୟାନ୍ୟ ଦୁଇଟି ସ୍ଥାନରେ ମିଳୁଥିବାବେଳେ ଏବେ ଏହାକୁ ବିଶ୍ୱସ୍ତରୀୟ ବଜାର ପାଇଁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାଇଛି। ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଯେପରି ରାଜ୍ୟର ଜନଜାତିମାନଙ୍କ ସାମଗ୍ରୀ ପହଞ୍ଚିପାରିବ ଓ ତାହାର ଉପାଦେୟତା ସମ୍ପର୍କରେ ଲୋକେ ଜାଣିପାରିବେ ତାହାକୁ ଦୃଷ୍ଟିରେ ରଖି ଉତ୍କୃଷ୍ଟମାନର ପ୍ୟାକେଜିଂ କରାଯାଇଛି। ସେହିଭଳି ଗ୍ଲୋବାଲ୍ ମାର୍କେଟ୍ ସୁଯୋଗ ସୃଷ୍ଟି କରିବାକୁ ଇ-କମର୍ସ ପ୍ଲାଟଫର୍ମ ଉପରେ ଗୁରୁତ୍ୱ ଦିଆଯାଇଛି। www.adisha.in ୱେବ୍‌ସାଇଟ୍‌ରେ ସମସ୍ତ ସାମଗ୍ରୀ ବିକ୍ରିବଟା ପାଇଁ ରଖାଯାଇଛି। ତେବେ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ଆଗାମୀ ଦିନରେ ଏହାକୁ ପର୍ଯ୍ୟଟନ ସହ ଯୋଡ଼ାଯିବାକୁ ଯୋଜନା ରହିଛି। ଟୁରିଜିମ୍ ପଏଣ୍ଟ କରାଯିବା ସହ ପର୍ଯ୍ୟଟକମାନେ କିଭଳି ଆଦିଶା ଆଉଟ୍‌ଲେଟ୍‌କୁ ଆସିପାରିବେ ସେଥିଲାଗି ବ୍ୟବସ୍ଥା କରାଯିବ। ଆଦିଶାର ସେଲ୍ସ ଏକ୍‌ଜିକ୍ୟୁଟିଭ୍‌ମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ଗ୍ରାହକଙ୍କୁ ସମସ୍ତ ସାମଗ୍ରୀର ବିସ୍ତୃତ ବିବରଣୀ ପ୍ରଦାନ କରିବେ। ଏହି ସାମଗ୍ରୀଗୁଡ଼ିକ କେମିତି ପ୍ରସ୍ତୁତ ହେଉଛି, କେଉଁଠାରୁ ଆସୁଛି, ଏହାର ମହତ୍ତ୍ୱ କ'ଣ ଓ ଔଷଧୀୟ ଗୁଣ କ'ଣ ରହୁଛି ଆଦି ସମ୍ପର୍କରେ ସେମାନେ ଗ୍ରାହକମାନଙ୍କୁ ବୁଝାଇବେ। ଏବେ ୬ଟି ଜିଲାରେ ଷ୍ଟୋର୍ ରହିଥିବାବେଳେ ଆଗାମୀ ଦିନରେ ପ୍ରତ୍ୟେକ ଜିଲାରେ ଏବଂ ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରେ ଷ୍ଟୋର ଖୋଲିବାର ଯୋଜନା ରହିଛି। ଏହାଦ୍ୱାରା ଜନଜାତି ଚାଷୀମାନେ ସିଧାସଳଖ ଲାଭବାନ୍ ହୋଇପାରିବେ ବୋଲି ନିମ୍ବାଲ୍ ସୂଚନା ଦେଇଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ବଜାରରେ ପହଞ୍ଚିବ କୋରାପୁଟ କଫି

ରାଜ୍ୟ ଏବଂ ରାଜ୍ୟ ବାହାରେ କୋରାପୁଟ କଫିର ବିଶେଷ ଚାହିଦା ରହିଛି। ଏହାର ସ୍ୱାଦ ଅନ୍ୟ ଅଞ୍ଚଳରେ ମିଳୁଥିବା କଫି ଠାରୁ ବେଶ୍ ନିଆରା ହୋଇଥିବାବେଳେ ଏଥିରେ ଯେଉଁ ଔଷଧୀୟ ଗୁଣ ରହୁଛି ତାହା ଆଉ କେଉଁ କଫିରେ ଦେଖିବାକୁ ମିଳେନା। ଦିନକୁ ଦିନ କୋରାପୁଟ କଫିର ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଚାଷୀଙ୍କ ସଂଖ୍ୟା ମଧ୍ୟ ବଢୁଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ କଫିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛି ଟିଡିସିସିଓଏଲ୍। ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ ସହ ବୈଜ୍ଞାନିକ ପଦ୍ଧତିରେ ପ୍ୟାକେଜିଂ କରାଯାଇଛି। ପ୍ରଥମଥର ପାଇଁ ଆଦିଶା ବ୍ରାଣ୍ଡ୍‌ରେ ଏହି କଫି ବିକ୍ରି ହେବାସହ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଏହାସହ ଭୁବନେଶ୍ୱରରେ ଥିବା ଆଦିଶା ଷ୍ଟୋର୍‌ରେ କୋରାପୁଟ କଫି ପାଇଁ ସ୍ୱତନ୍ତ୍ର କ୍ୟାଫେଟେରିଆ ପ୍ରତିଷ୍ଠା ହେବ। ଜନଜାତିମାନଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ଚେୟାରରେ ବସି ଲୋକେ ଏହି ବିଶ୍ୱପ୍ରସିଦ୍ଧ କୋରାପୁଟିଆ କଫିର ମଜା ନେଇପାରିବେ।



■ଅନ୍‌ଲାଇନ୍‌ରେ ଓଡ଼ିଶା ଜନଜାତିଙ୍କ ସାମଗ୍ରୀ ■ସବୁ ଜିଲା, ପର୍ଯ୍ୟଟନସ୍ଥଳୀରେ ଖୋଲିବ ଆଉଟ୍‌ଲେଟ୍

# ଶ୍ରବଣ ଶକ୍ତି ଫେରିପାଇଲେ ୨ ଝିଅ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ସାରା ଜୀବନ ପାଇଁ ବଧିର ହୋଇଯିବା ଆଶଙ୍କାରେ ଥିବା କୋରାପୁଟର ଦୁଇଜଣ କୁନି ଝିଅ ନିଜର ଶ୍ରବଣ ଶକ୍ତି ଫେରିପାଇଛନ୍ତି। ରାଜ୍ୟ ସରକାରଙ୍କ ସହାୟତାରେ ଉଭୟଙ୍କ କାନରେ ବ୍ୟୟବହୁଳ ଅତ୍ୟାଧୁନିକ ଅସ୍ତ୍ରୋପଚାର କରାଯିବା ପରେ ଏହା ସମ୍ଭବ ହୋଇପାରିଛି। ଦୁଇ ଝିଅ ଏବେ ସାଧାରଣ ପିଲାଙ୍କ ଭଳି ସବୁକିଛି ସ୍ପଷ୍ଟଭାବେ ଶୁଣି ପାରୁଛନ୍ତି। ଏମାନେ ହେଉଛନ୍ତି କୋରାପୁଟ ଜିଲା ଦାମନଯୋଡ଼ିର ବଳଭଦ୍ର ଜାନିଙ୍କ ୪ ବର୍ଷର ଝିଅ କୌଶଲ୍ୟା ଜାନି ଓ ବୋରିଗୁମା ବ୍ଲକ ଶଶାହାଣ୍ଡିର ଲିଙ୍ଗରାଜ ନାୟକଙ୍କ ୫ ବର୍ଷର ଝିଅ ସନ୍ଧ୍ୟାରାଣୀ ନାୟକ। ଉଭୟଙ୍କୁ ପ୍ରଥମେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଡିଇଆଇସି କେନ୍ଦ୍ରରେ ଚିହ୍ନଟ କରାଯାଇ ପରେ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଏହି କ୍ରମରେ ଉଭୟଙ୍କ କୋକ୍ଲିୟର(Cochlear) ପ୍ରତିରୋପଣ ସଫଳତାର ସହ କରାଯାଇପାରିଛି। ଏ ବାବଦକୁ ଜଣକ ପିଛା ୫.୨ ଲକ୍ଷ ଟଙ୍କା ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠିରୁ ପ୍ରଦାନ କରାଯାଇଛି। ଉକ୍ତ ଦୁଇ ଶିଶୁଙ୍କୁ କୋରାପୁଟ ଡିଇଆଇସିକୁ ନିଆଯିବା ସହିତ ସେଠାରେ ସେମାନେ କିଭଳି କଥାବାର୍ତ୍ତା କରିବେ ସେଥିଲାଗି 'ସ୍ପିଚ୍ ଥେରାପି' ଦିଆଯିବ। ଏହାସହ ସେମାନଙ୍କର ଥଇଥାନ ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି।





ଶ୍ରବଣ ଶକ୍ତି ଫେରି ପାଇଥିବା ଦୁଇ ଝିଅ ।

# କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

■ ଥାନାରେ ମିଳିତ ଭାବେ ଏତଲା ଦେଲେ ସମସ୍ତ ଡାକ୍ତର

ପଟାଙ୍ଗି,୯।୯(ଡି.ଏନ.ଏ.)

ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହ ହତ୍ୟା ଧମକ ଦେଇଛନ୍ତି ଜଣେ ରୋଗୀଙ୍କ ସମ୍ପର୍କୀୟ। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ୪ଟା ୩୦ରେ ଅସୁସ୍ଥ କାଳି ପ୍ରସାଦ ଚୌଧୁରୀଙ୍କୁ ତାଙ୍କର ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେତେବେଳେ ଉପସ୍ଥିତ ଥିବା ଡାକ୍ତର ପ୍ରବିନ ସାହୁ ଚିକିତ୍ସା ଆରମ୍ଭ କରିବା ବେଳେ କାଳିପ୍ରସାଦଙ୍କ ଜଣେ ବନ୍ଧୁ ହାଇଡୋଜ ମେଡିସିନ ଦେବା ପାଇଁ ଡାକ୍ତରଙ୍କୁ କହିଥିଲେ। ସେଥିରେ ଅରାଜି ହୋଇ ନିୟମ ଓ ଆବଶ୍ୟକ ଅନୁସାରେ ମେଡିସିନ ଦିଆଯିବ ବୋଲି ଡାକ୍ତର କହିବାରୁ ସେଇ ବନ୍ଧୁ ଜଣକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ କରିଥିଲେ। ଏଠାରୁ ଅନ୍ୟତ୍ର ବଦଳି କରିଦେବି ବୋଲି କହିବା ଓ ହତ୍ୟା ଧମକ ଦେଇ ସେଠାରୁ ସେ ଚାଲିଯାଇଥିଲେ। କିନ୍ତୁ ସନ୍ଧ୍ୟାରେ ପୁଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ଖୋଜାଖୋଜି କରିଥିଲେ। ନ ପାଇବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଓ ଡାକ୍ତର ଆଶୁତୋଷ ପ୍ରଧାନଙ୍କୁ ନର୍ସ ଓ ସୁରକ୍ଷାକର୍ମୀଙ୍କ ସମ୍ମୁଖରେ ଗାଳିଗୁଲଜ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପବିତ୍ର ପଣ୍ଡା, ଡାକ୍ତର ମୁର୍ମୁ ଡାକ୍ତର ପ୍ରଧାନ ଓ ଡାକ୍ତର ସାହୁ ମିଳିତ ଭାବେ ରବିବାର ରାତି ୮ଟାରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ସୋମବାର ସମସ୍ତ ଡାକ୍ତରଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। କିନ୍ତୁ ଧମକ ଦେଇଥିବା ବନ୍ଧୁ ଜଣକ ଥାନାକୁ ଆସି ନଥିଲେ। ମେଡିକାଲରେ ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା ନୂଆକଥା ନୁହେଁ। ତେଣୁ ଏଥିରେ ବୁଝାମଣା ନ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡାକ୍ତର ମହଲରେ ଦାବି ହୋଇଛି।

## ପଥର ବ୍ଲାଷ୍ଟିଂକୁ ନେଇ ଅସନ୍ତୋଷ

ଦାରିଙ୍ଗବାଡ଼ି,୯।୯(ଡି.ଏନ.ଏ):

ଦାରିଙ୍ଗବାଡ଼ିଠାରୁ ବାଲିଗୁଡ଼ା ପର୍ଯ୍ୟନ୍ତ ୫୯ ନଂ. ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଦାରିଙ୍ଗବାଡି ବ୍ଲକ ଦଣ୍ଡିମା ଗ୍ରାମର ସିର୍ସାମାହା ଠାରେ ପଥର ଫଟାଯାଉଛି। ଏଥିରେ ଅଞ୍ଚଳବାସୀ ଭୟଭୀତ ହୋଇ ଏଭଳି ପ୍ରଚଣ୍ଡ ଶବ୍ଦ କରା ନ ଯିବାକୁ ଦାବି କରିଛନ୍ତି। ୧୦୦ ମିଟର ଦୂରରେ ଘର କରିରହିଥିବା ବୃଦ୍ଧା ପାର୍ବତୀ ବିନ୍ଧାଣୀ ତାଙ୍କ ଝିଅ ରୁବିତା, ଗ୍ରାମର ଅନିରୁଦ୍ଧ ପ୍ରଧାନ ଓ ଡେଡିଙ୍ଗୀ ମାଝିଙ୍କ ସମେତ ସିର୍ସାମାହା ଗ୍ରାମବାସୀ କାହିଁକି ଏଭଳି ବିନା ଅନୁମତି ଏବଂ ଜନବିରୋଧି କାର୍ଯ୍ୟ କରାଯାଉଛି ବୋଲି ପ୍ରଶ୍ନ ଉଠାଇଛନ୍ତି।

■ ମକା କ୍ଷେତରେ ଗୋରୁ ପଶିଯିବାରୁ ବଚସା

# ଛୁରା ମାଡରେ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

ରାଇଘର,୯।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାତୀଗାଁ ପଞ୍ଚାୟତର ଚୋରଡିହି ଗ୍ରାମରେ ରବିବାର ସନ୍ଧ୍ୟାରେ ସାମାନ୍ୟ ବଚସାରୁ ଛୁରା ମାଡରେ ସୁକଦେବ ଗଣ୍ଡ ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଶ୍ୟାମ ସିଂ ଗଣ୍ଡଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ଗତ ୭ ତାରିଖରେ ସୁକଦେବଙ୍କ ମକା ଜମିରେ ଶ୍ୟାମ ସିଂଙ୍କ ଗୋରୁ ପଶିଯାଇ ମକା ଗଛ ନଷ୍ଟ କରି ଦେଇଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରବିବାର ସନ୍ଧ୍ୟାରେ ସୁକଦେବଙ୍କ ଘରେ ଶ୍ୟାମ ସିଂ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଉଭୟ ମଧ୍ୟରେ ଝଗଡା ଜୋରରେ ହୋଇଥିଲା। ଏହା ପରେ ଶ୍ୟାମ ପାଖରେ ରଖିଥିବା ଏକ ଛୁରୀରେ ସୁକଦେବଙ୍କ ପେଟ ଓ ପିଠିକୁ ଭୁଶି ଦେଇଥିଲେ। ଗ୍ରାମବାସୀ ଏହା ଦେଖି ସୁକଦେବଙ୍କ ବଡଭାଇ ରୁପଦାସ ଗଣ୍ଡଙ୍କୁ ଖବର ଦେଇଥିଲେ। ରୂପ ଘରେ ପହଞ୍ଚି ସୁକଦେବଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁକଦେବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ରାଇଘର ଥାନାରେ ରୁପଦାସ ଏକ ଏତଲା ଦେଇଥିଲେ।

■ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ

# ସଦାଶିବଙ୍କ ତ୍ୟାଗ, ଆଦର୍ଶ ଅତୁଳନୀୟ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୯।୯(ବି.ପ୍ର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସଦାଶିବ ପାର୍କସ୍ଥିତ ସଦାଶିବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ଉପଜିଲାପାଳ ଭାସ୍କର ଚନ୍ଦ୍ର ରଇଦା, ଏମପି ପ୍ରତିନିଧି ପ୍ରହ୍ଲାଦ ତ୍ରିପାଠୀ, ଡଃ ରାଧାନାଥ ବେହେରା, ଡଃ ବିଜୟ କୁମାର ମିଶ୍ର, କେଦାର ନାଥ ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ପୌରପାଳିକା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାରଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଦାଶିବଙ୍କ ତ୍ୟାଗ, ଆଦର୍ଶ ଓ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପୌରପାଳିକାର ଜ୍ୟୋତି ପରିଚ୍ଛା ଓ ଅନ୍ୟ କର୍ମଚାରୀ ସହାୟତା କରିଥିଲେ।

# ପ୍ରକଳ୍ପରେ ଜମି ହରାଇଥିବା ବିସ୍ଥାପିତଙ୍କୁ ମିଳିନି ନ୍ୟାୟ

ସେମିଳିଗୁଡ଼ା,୯।୯(ସ୍ୱ.ପ୍ର.)

କୋରାପୁଟ ଜିଲା ଜଲାପୁଟ ଓ ମାଛକୁଣ୍ଡ ଯୁଗ୍ମ ପ୍ରକଳ୍ପରେ ଜମି ହରାଇଥିବା ବିସ୍ଥାପିତଙ୍କୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ସେମିଳିଗୁଡ଼ା ପ୍ରେସ୍ କ୍ଲବରେ ଏକ ଖବରଦାତା ସମ୍ମିଳନୀ କରି ଏଭଳି ଅଭିଯୋଗ ବାଢ଼ିଛନ୍ତି ପଟାଙ୍ଗୀ ବିଧାୟକ ପ୍ରିତମ ପାଢ଼ୀ।

ଓଡ଼ିଶା-ଆନ୍ଧ୍ର ମିଳିତ ଭାଗୀଦାରୀରେ ପ୍ରକଳ୍ପ ଚାଲିଛି । ପ୍ରଥମ ଏଗ୍ରିମେଣ୍ଟରେ ଆନ୍ଧ୍ର ପ୍ରଥମ ହୋଇ ୭୦ ଭାଗ ନେଲାବେଳେ ଓଡ଼ିଶାକୁ ମାତ୍ର ୩୦ ଭାଗ ଦେବା ପାଇଁ ଏଥିରେ ଚୁକ୍ତି ହୋଇଥିଲା। କିନ୍ତୁ ଦୀର୍ଘଦିନ ଧରି ପ୍ରକଳ୍ପ ବିସ୍ଥାପିତ ଓ ଜମିହରା କୌଣସି ସୁବିଧା ପାଇ ନ ଥିବା ନେଇ ପଟାଙ୍ଗୀ ବିଧାୟକଙ୍କୁ ଜଣାଇଥିଲେ ବିସ୍ଥାପିତ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଚିଠି ନଂ ୬୮/୨୦୧୯ ତା ୫/୦୯/୨୦୧୯ର ନକଲ ବିଧାୟକ ପାଢ଼ୀ ଓଡ଼ିଶା ସରକାରଙ୍କୁ ମଧ୍ୟ ପଠାଇଛନ୍ତି। ପୂର୍ବରୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ନିକଟରେ ବିଭିନ୍ନ ଦାବି ରଖି ବିସ୍ଥାପିତ ଗ୍ରାମବାସୀ ହତାଶ ହୋଇଥିବା ବେଳେ ଚିଠି ବାବଦରେ ଏହାର ସୁବିଚାର କରିବା, ବିସ୍ଥାପିତ ଏବଂ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ଓ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ବିଧାୟକ ଦାବି କରିଥିଲେ। ଗୋଲୁର, ପ୍ରଜାବଡ଼ପୋଡ଼ା, କୁଲାରସିଂ, ପାକୁଲାବୀର, ଅଟନ୍ଦ, ବିଲାପୁଟ, କୋରେଇପୁଟ, ଗୋଡ଼ିପୁଟ, ସିସାପୁଟ, ସୋବାପୁଟ ଓ ମାଡ଼େଇଗୁଡା ପଞ୍ଚାୟତର ଲୋକେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ଥିବା ସେ ଜଣାଇଥିଲେ।

# ଖଟିଆରେ ୨ କିମି ବୁହାହେଲେ ଅସୁସ୍ଥ ବୃଦ୍ଧା

ଉମରକୋଟ,୯।୯(ଡି.ଏନ.ଏ)



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୁନାବେଡା ପଞ୍ଚାୟତ ବାଲିପଟା ଗାଁକୁ ପଡିଥିବା ରାସ୍ତା ଖରାପ ଯୋଗୁ ଜଣେ ଅସୁସ୍ଥ ବୃଦ୍ଧାଙ୍କୁ ସୋମବାର ସମ୍ପର୍କୀୟ ୨ କି.ମି ଖଟିଆରେ ବୋହିକି ଆଣିଥିଲେ। ସେଠାରୁ ଅଟୋରେ ଅଣାଯାଇ ବୃଦ୍ଧାଙ୍କୁ ସୁନାବେଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁନାବେଡା ପଞ୍ଚାୟତ ବାଲିପଟା ଗାଁର ବୃଦ୍ଧା ମାଣିକ ସାନ୍ତା ଜ୍ୱରରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ। ଗାଁକୁ ଯିବାକୁ ରାସ୍ତାରେ ଗାଡି ଯାତାୟାତ କରିବା ସମ୍ଭବପର ନ ଥିବାରୁ ପରିବାର ଲୋକ ମାଣିକଙ୍କୁ ଏକ ଖଟିଆରେ ୨ କି.ମି ବୋହିକି ଆଣିଥିଲେ। ସେଠାରୁ ଅଟୋରେ ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଉମରକୋଟ ସଦର ମହକୁମାଠାରୁ ମାତ୍ର ୧୨ କି.ମି ଦୂରରେ ସୁନାବେଡା ପଞ୍ଚାୟତର ବାଲିପଟା ଗାଁ। ତେବେ ଏହି ଗ୍ରାମକୁ ପଡିଥିବା ରାସ୍ତା ବର୍ଷା ହେଲେ ଶୋଚନୀୟ ହୋଇ ପଡିଥାଏ। ବାଧ ହୋଇ ଅସୁସ୍ଥ ଲୋକ ଏବଂ ଗର୍ଭବତୀଙ୍କୁ ଖଟିଆରେ ବୋହିକି ଆଣିଥାଉ ବୋଲି ଗ୍ରାମବାସୀ କହିଛନ୍ତି। ରାସ୍ତା ମରାମତି କରିବାକୁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

## ରାସ୍ତା ଖରାପ



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ଅନଲାଇନ୍ ବ୍ୟବସ୍ଥାରେ ଫସିଛନ୍ତି ଆଦିବାସୀ

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୯।୯

**ଏସବୁ ସାଜିଛି ପ୍ରତିବନ୍ଧକ**
- ଗ୍ରାମାଞ୍ଚଳରେ ନିରକ୍ଷରତା
- ଫୋନ୍, ଏଟିଏମ୍ ବ୍ୟବହାର ଜଣାନାହିଁ
- ସ୍ମାର୍ଟଫୋନ୍ ପାଇଁ ସମ୍ବଳ ଅଭାବ
- ବୈଷୟିକ ଜ୍ଞାନର ଅଭାବ
- ମାଓବାଦୀ ଉପଦ୍ରୁତ ଇଲାକାରେ ଟାୱାର ନାହିଁ
- ଦୁର୍ବଳ ନେଟୱର୍କ ସେବା

ସରକାରୀ ସେବା ତ୍ୱରାନ୍ୱିତ କରିବା ଓ ସେଥିରେ ସ୍ୱଚ୍ଛତା ପାଇଁ ଇ-ଗଭର୍ନାନ୍ସକୁ ଗୁରୁତ୍ୱ ଦିଆଯାଉଛି। ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ଜାତି ପ୍ରମାଣପତ୍ର, କାଳିଆ ଯୋଜନାରେ ନାମ ପଞ୍ଜିକରଣ, ସାଧାରଣ ବଣ୍ଟନ ବ୍ୟବସ୍ଥା, ଆବାସ ଯୋଜନା ଓ କଲେଜ୍‌ରେ ଆଡମିଶନ ଭଳି କାମ ଅନଲାଇନ୍‌ରେ ହେଉଛି। ବିଡ଼ମ୍ବନା ହେଉଛି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଘରେ ବିଜୁଳି ଆଲୁଅ ଦେଖି ନଥିବା ଗରିବ ଆଦିବାସୀଙ୍କୁ ଏହି ବ୍ୟବସ୍ଥା କିନ୍ତୁ ହନ୍ତସନ୍ତ କରିଦେଉଛି। ଗ୍ରାମାଞ୍ଚଳରେ ନିରକ୍ଷରତା, ବୈଷୟିକ ଜ୍ଞାନର ଅଭାବ, ଦୁର୍ଗମ ଗାଁରେ ଇ-ସେବା ଉପଲବ୍ଧ ନହେବା, ଦୁର୍ବଳ ନେଟୱର୍କ ଯୋଗୁ ଏହି ବ୍ୟବସ୍ଥା ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରିବା ସହ ହତୋତ୍ସାହିତ କରୁଛି।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକରେ ରହିଛି ବହୁ ଦୁର୍ଗମ ଇଲାକା, ଯେଉଁଠି ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ ସେବା ପହଞ୍ଚି ପାରିନାହିଁ। ପାଖରେ ନିଜସ୍ୱ ଚାଷଜମି ନ ଥିବାବେଳେ ବଣ ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅନେକ ଆଦିବାସୀ। ସମୁଦାୟ ୨୦ଟି ପଞ୍ଚାୟତରୁ ୩/୪ଟିକୁ ଛାଡ଼ିଦେଲେ ଅନ୍ୟ ସବୁ ମାଓବାଦୀପ୍ରବଣ ଇଲାକା। ପୂର୍ବରୁ ବୈପାରୀଗୁଡ଼ା ବ୍ଲକର ଦଣ୍ଡାବାଡ଼ି, କୋଲାର, ଦଶମନ୍ତପୁରଠାରେ ବିଭିନ୍ନ ଘରୋଇ କମ୍ପାନି ବସାଇଥିବା ମୋବାଇଲ ଟାୱାରକୁ ମାଓବାଦୀମାନେ ବାରମ୍ବାର ଆକ୍ରମଣ କରି ଧ୍ୱଂସ କରିଛନ୍ତି। ସେସବୁ ଅଞ୍ଚଳରେ ଏବେ ମୋବାଇଲ ସେବା ମିଳୁନାହିଁ। ନିରାପତ୍ତା ଦୃଷ୍ଟିରୁ ସେଠାରେ ପୁନର୍ବାର ଟାୱାର ପ୍ରତିଷ୍ଠା କରିବାକୁ ମୋବାଇଲ କମ୍ପାନି ଆଗ୍ରହୀ ନୁହନ୍ତି। କେବଳ ବୈପାରୀଗୁଡ଼ା, ମାଠପଡ଼ା ଓ ରାମଗିରିଠାରେ ବିଏସଏନ୍‌ଏଲ୍ ମୋବାଇଲ ଟାୱାର ଥିବାବେଳେ ସୀମିତ ସ୍ଥାନରେ ମୋବାଇଲ ସେବା ମିଳିପାରୁଛି। ଭଲ ନେଟ୍ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ସ୍ମାର୍ଟଫୋନ ପାଇଁ ଲୋକଙ୍କ ପାଖରେ ସମ୍ବଳ ନାହିଁ। ମୋବାଇଲ୍ ଚାର୍ଜ କରିବାକୁ କରେଣ୍ଟ ବ୍ୟବସ୍ଥା ନାହିଁ। ଯେଉଁ କେତେଜଣ ଯୁବକଙ୍କ ମୋବାଇଲ ରହିଛି, ସେମାନେ ସପ୍ତାହକୁ ୨/୩ ଥର ଟାଉନ୍ ଆସି ଚାର୍ଜ କରାଇ ଫେରନ୍ତି। ଏଥିପାଇଁ ମଧ୍ୟ କିଛି ଅର୍ଥ ଦେବାକୁ ପଡ଼େ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ମଜୁରି ଟଙ୍କା ବ୍ୟାଙ୍କ ପାସ୍‌ବୁକ୍ ଜରିଆରେ ମିଳୁଛି। ଟଙ୍କା ଉଠାଇବା ପାଇଁ ଏଟିଏମ୍ ମିଳିଛି ; କିନ୍ତୁ ଏହାର ବ୍ୟବହାର ସମ୍ପର୍କରେ ସେମାନେ ଅବଗତ ନ ଥିବା ଯୋଗୁ ଟଙ୍କା ଉଠାଇବା ପାଇଁ ଠିକାଦାର ଅଥବା ଜିଆରଏସ୍‌ଙ୍କୁ ଏଟିଏମ୍ କାର୍ଡ଼ ଦେଇଦେଉଛନ୍ତି। କାର୍ଡ଼ରୁ ପ୍ରକୃତରେ କେତେ ଟଙ୍କା ଉଠିଲା ଓ ସେମାନଙ୍କୁ କେତେ ମିଳିଲା, ତାହା ସେମାନେ ଜାଣନ୍ତି ନାହିଁ। ଫଳରେ ସେମାନଙ୍କର ଟଙ୍କା ବାଟମାରଣା ହେଉଛି। ଜନଧନ ଯୋଜନାଠାରୁ ଆରମ୍ଭ କରି ଆଧାର କାର୍ଡ ତଥା ଯେ କୌଣସି ଅନଲାଇନ୍ କାମ ପାଇଁ ସେମାନଙ୍କୁ ବ୍ଲକ ସଦର ମହକୁମାକୁ ଧାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନଲାଇନ୍ ଆବେଦନ ବେଳେ ନିଜସ୍ୱ ମୋବାଇଲ ନ ଥିବାରୁ ଅନ୍ୟ କାହାର ଫୋନ୍ ନମ୍ବର ସେମାନେ ଦେଉଛନ୍ତି। ସେଥିରେ ପରେ ଯେଉଁ ମେସେଜ ଆସୁଛି, ତାହା ହିତାଧିକାରୀ ଜାଣିପାରୁ ନାହାନ୍ତି। ଆଦିବାସୀ ଛାତ୍ରୀଛାତ୍ର କଲେଜ୍‌ରେ ନାମଲେଖା ସମୟରେ ବିଭିନ୍ନ ସୂଚନା ଜାଣିପାରୁ ନାହାନ୍ତି। ଇଣ୍ଟିମେସନ୍ ଆସିଲା କି ନାହିଁ, ଜାଣିବାକୁ ବାରମ୍ବାର ବ୍ଲକ ସଦରକୁ ଦୌଡୁଛନ୍ତି। ତେଣୁ ସରକାରୀ କାମର ଡିଜିଟାଲାଇଜେସନ ପାଇଁ ଆଦିବାସୀ ଇଲାକାରେ ଶିକ୍ଷାର ବିକାଶ ସାଙ୍ଗକୁ ଟେଲି ନେଟୱର୍କ ଓ ଇଣ୍ଟରନେଟ୍ ପାଇଁ ଭିତ୍ତିଭୂମିର ବିକାଶ କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଅବସର ସମ୍ବର୍ଦ୍ଧନା



ସେମିଳିଗୁଡ଼ା,୯।୯(ସ୍ୱ.ପ୍ର.): ସେମିଳିଗୁଡ଼ା ମହାବିଦ୍ୟାଳୟର ବରିଷ୍ଠ କିରାଣି ଅନିରୁଦ୍ଧ ଜେନା ଗତ ଅଗଷ୍ଟ ୩୧ରେ ଅବସର ନେଇଛନ୍ତି। ତାଙ୍କୁ ଅବସର ସମ୍ବର୍ଦ୍ଧନା ଦେବା ପାଇଁ ଅଧକ୍ଷା କାବେରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଅଧକ୍ଷ ରବିନାରାୟଣ ସୁତାର, ପରିଚାଳନା ସମିତି ସଭାପତି ତଥା ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପ୍ରାଧାପକ ଡ. ଚିତରଞ୍ଜନ ମିଶ୍ର, ସେମିଳିଗୁଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ କୃଷ୍ଣ ସିଂହ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ନୀଳାଞ୍ଚଳ ଆଚାର୍ଯ୍ୟ, ଡ. ରମାରଞ୍ଜନ ପଟ୍ଟନାୟକ, ଅମ୍ବିକା ବଲ୍ଲଭ ବାହିନୀପତି, ଡ. ଉମାଶଙ୍କର ପ୍ରସାଦ ପାତ୍ର, ଦାମୋଦର ପଲାଇ, ଡ. ସରସ୍ୱତୀ ରାୟ, ଶୁଭ୍ରାଂଶୁ ଶେଖର ଦାସ, ଅଲେଖ ପଣ୍ଡା, ପ୍ରେମାନନ୍ଦ ରାଉତ ଯୋଗଦେଇ ଜେନାଙ୍କ ଅବସର ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଡ. ଝାନ୍ସି ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ପୋଲିସ,୯।୯: ରେଳବାଇ ପୋଲିସ ସୋମବାର ଆମ୍ବପୁଆ ରେଳଧରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଚାବି ଖୋଲାଥିବା ଅବସ୍ଥାରେ ଏକ ବାଇକ୍(ନଂ ଓଡ଼ି୦୭ଏମ୮୦୪୮) ମିଳିଛି। ଏହାକୁ ଆଧାର କରି ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତ ଯୁବକ ଜଣଙ୍କ ଆସିକା ଥାନା ତାରସିଂ କୁମ୍ଭାର ସାହିର ମୁରଲୀ ବେହେରାଙ୍କ ପୁଅ ଭାଷ୍କରଥୀ (୨୪) ବୋଲି ପୋଲିସ ସୂଚନା ଦେଇଛି। ମୃତଦେହ ଜବତ କରି ନଂ.୩୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ଭାଷ୍କରଥୀ ବାଇକ୍ ଧରି ବ୍ରହ୍ମପୁର ଆସିଥିଲେ। ସେ ରାତିରେ ଘରକୁ ଫେରି ନ ଥିଲେ। ସୋମବାର ପୋଲିସଠାରୁ ଖବର ପାଇ ପରିବାର ଲୋକ ଏମ୍‌କେସିଜି ମେଡିକାଲ ମୃତଦେହ ବ୍ୟବଚ୍ଛେଦ ଗୃହକୁ ଯାଇ ଭାଷ୍କରଥୀଙ୍କୁ ଚିହ୍ନଟ କରିଥିଲେ। ଘରୋଇ କଳିକୁ କେନ୍ଦ୍ରକରି ଯୁବକ ଜଣଙ୍କ ରେଳଧାରଣାରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

### କାକିରିଗୁମ୍ମାରେ ନୂଆ ଥାନାଧିକାରୀ



ଲକ୍ଷ୍ମୀପୁର,୯।୯(ଡି.ଏନ୍.ଏ.): ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ଧୀରେନ ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ରାୟଗଡ଼ା ଜିଲାରୁ ପଦୋନ୍ନତି ପାଇ ଏଠାକୁ ଆସିଛନ୍ତି। ପ୍ରାୟ ୩ ବର୍ଷ ହେବ ଉକ୍ତ ପଦବୀ ଖାଲି ପଡ଼ିଥିଲା। ପଟ୍ଟନାୟକ କାର୍ଯ୍ୟରେ ଯୋଗଦେବା ପୋର ଏହି ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତ୍ୱ ଦେବା ସହ ଅଞ୍ଚଳବାସୀ କିପରି ପୋଲିସ ପ୍ରତି ଆସ୍ଥାଭାଜନ ହୋଇପାରିବେ, ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

- ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଚମ୍ପାପଦର ଚାମ୍ପିୟନ, ବଦଲିଗୁଡ଼ା ରନର୍ସଅପ୍



ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଦଳର ଖେଳାଳିମାନେ।

କୋରାପୁଟ,୯।୯(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଡୁମୁରିପୁଟ ଉପକଣ୍ଠ ପଡ଼ିଆରେ ଗତ ଶନିବାରରୁ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଚମ୍ପାପଦର ଦଳ ୨-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ବଦଲିଗୁଡ଼ା ଓ ଚମ୍ପାପଦର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଶେଷ ସୁଦ୍ଧା କେହି କାହାକୁ ଗୋଲ ଦେଇପାରି ନଥିଲେ। ଶେଷରେ ପେନାଲ୍ଟି ସୁଟ୍‌ରେ ଚମ୍ପାପଦର ୨-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ କୋରାପୁଟ ଆରଏମ୍‌ସି ଉପାଧ୍ୟକ୍ଷ କର୍ପୁର ହନ୍ତାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ହୋଇଥିବା ଚମ୍ପାପଦର ଦଳକୁ ନଗଦ ୧୨ ହଜାର ଓ ରନର୍ସଅପ ବଦଲିଗୁଡ଼ା ଦଳକୁ ୯ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଡୁମୁରିପୁଟ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ କୋରାପୁଟ ବ୍ଲକ ଅଞ୍ଚଳରୁ ୪୨ଟି ଦଳ ଅଂଶଗ୍ରହଣ କରିଥିଲେ। ସନିଆ ଟାକିରି କାର୍ଯ୍ୟକ୍ରମ ପରିଚାଳନା ଏବଂ ଏଥିରେ ନବୀନ ଟାକିରି, ଗଣେଶ ମୁଦୁଲି, ଗଗନ ବାଘ, ଉପେନ୍ଦ୍ର ଖୋସ୍ଲା, ସନ୍ତୋଷ ଦାସ ସହଯୋଗ କରିଥିଲେ।

## ଏନ୍‌ଏଚ୍‌ରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

କୋରାପୁଟ,୯।୯(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦ, ତହସିଲ ଓ ଟାଉନ ପୋଲିସ ପକ୍ଷରୁ ସୋମବାର କୋରାପୁଟ ଦେଇ ଜୟପୁର ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ନେହେରୁ ମାଝି ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, କୋରାପୁଟ ଏସ୍‌ଡିପିଓ ଟି.ଜେ. ରେଡ୍ଡୀ, ଟାଉନ ଥାନା ଅଧିକାରୀ କ୍ଷିରେଶ୍ୱର ସାହୁ ଓ ପୋଲିସ ଫୋର୍ସ ଉପସ୍ଥିତିରେ ସକାଳୁ ସ୍ଥାନୀୟ ଟ୍ରାଫିକ ଛକ ପାଖରୁ ଏହି ଜବରଦଖଲ ହଟାଇବା କାମ ଆରମ୍ଭ ହୋଇଥିଲା। ଏହି ଅବସରରେ ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଉଠା ଦୋକାନୀଙ୍କୁ ରାସ୍ତାରୁ ହଟାଯାଇଥିଲା। ବେଆଇନ ଭାବେ ଦୀର୍ଘଦିନ ହେଲା ରାସ୍ତାକଡ଼ରେ ପକାଯାଇଥିବା ଭାଡ଼ିଗୁଡ଼ିକୁ ଉଚ୍ଛେଦ କରାଯାଇ ପୌରସଂସ୍ଥା ଟ୍ରାକ୍ଟରରେ ନିଆଯାଇଥିଲା। ଉଭୟ ପାର୍ଶ୍ୱରେ ଜାତୀୟ ରାଜପଥ ଉପରକୁ ମାଡ଼ିଆସିଥିବା ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନଙ୍କୁ ପୌରସଂସ୍ଥା ତାଗିଦ୍ କରିଥିଲା। ତେବେ ଉଚ୍ଛେଦ ବେଳେ ଦୀର୍ଘଦିନ ଧରି ବେଆଇନ ଭାବେ ରାସ୍ତା ଉପରେ ରହିଥିବା ଫଳ ଦୋକାନୀ, ଜଳଖିଆ ଦୋକାନୀଙ୍କୁ ହଟାଯାଇ ନ ଥିବାରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀ ଅସନ୍ତୋଷ ପ୍ରକାଶ କରିଥିଲେ।

### ପାଣିକୁଣ୍ଡରେ ବୁଡ଼ି ଶିଶୁ ମୃତ

ବୋରିଗୁମ୍ମା,୯।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ଦିଣ୍ଡାରାଜାଗୁଡ଼ାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ପାଖରେ ଥିବା ପାଣିକୁଣ୍ଡରେ ବୁଡ଼ିଯାଇ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ଦିଣ୍ଡାରାଜା ଗ୍ରାମର କୃପାସିନ୍ଧୁ ଗୌଡ଼ଙ୍କ ୩ ବର୍ଷର ପୁଅ ଶିବ। ସୋମବାର ମଧ୍ୟାହ୍ନରେ କୃପାସିନ୍ଧୁଙ୍କ ସ୍ତ୍ରୀ ଘରକାମରେ ବ୍ୟସ୍ତ ଥିବାବେଳେ ଶିବ ଘର ବାହାରକୁ ଚାଲିଯାଇଥିଲା। ଘର ବାହାରେ ଥିବା ପାଣିକୁଣ୍ଡରେ ସେ ପଡ଼ିଯିବା ପରେ ସେଥିରେ ବୁଡ଼ି ତାର ମୃତ୍ୟୁ ହୋଇଥିଲା। କୃପାସିନ୍ଧୁଙ୍କ ସ୍ତ୍ରୀ ପରେ ପୁଅକୁ ଖୋଜିଖୋଜି କରି ପାଣିକୁଣ୍ଡରୁ ତାକୁ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

### ମହରମ୍ ପାଳିଲେ ମୁସଲିମ୍ ସମ୍ପ୍ରଦାୟ

କୋଲାବନଗର,୯।୯(ଡି.ଏନ୍.ଏ.)

କୋରାପୁଟ ସଦର ବ୍ଲକ କୋଲାବନଗରରେ ବଳିଦାନର ମହାନ ପର୍ବ ମହରମ ପାଳନ କରିଛନ୍ତି ମୁସଲମାନ ଭାଇଭଉଣୀ। ସ୍ଥାନୀୟ କୋଲାବନଗରସ୍ଥିତ ମସ୍‌ଜିଦ୍‌ରେ ସକାଳ ୭ଟାରେ ସମୂହ ପ୍ରାର୍ଥନା ଓ ନମାଜ ପାଠ କରାଯାଇଥିଲା। କୋରାପୁଟରୁ ଆସିଥିବା ମୌଲବି ସେକ୍ ଅଖତାର ବଳିଦାନ ପର୍ବ ମହରମ୍‌ର ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମସ୍‌ଜିଦ୍‌କୁ ଆଲୋକମାଳା ଓ ରଙ୍ଗିନ ତୋରଣରେ ସାଜସଜ୍ଜା କରାଯାଇଥିଲା। ମୁସଲମାନ ପରିବାରରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ବଳିଦାନ ଉତ୍ସବ ପାଇଁ ମସ୍‌ଜିଦ୍‌ରେ ଏକତ୍ର ହୋଇଥିଲେ। ଦିନ ୧୨ଟାରେ ନମାଜ ପଢ଼ାଯାଇଥିଲା। ସନ୍ଧ୍ୟାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ କୋଲାବନଗରର ବ୍ୟବସାୟୀ ସଫିବାବୁ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜଲିଲ୍ ନିତୁବାବୁ, ଜଲିଲ୍ ଚୁନୁ ବାବୁ, ସେକ୍ ଅଲ୍ଲି ଓ ଅନ୍ୟମାନେ।

## ଏସ୍‌ୟୁସିଆଇ ପକ୍ଷରୁ ଗଣବିକ୍ଷୋଭ



ଗଣବିକ୍ଷୋଭ ସଭାରେ ଜଣେ ବକ୍ତବ୍ୟ ରଖୁଛନ୍ତି।

ବୈପାରୀଗୁଡ଼ା,୯।୯(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଏସ୍‌ୟୁସିଆଇ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଏକ ଗଣ ବିକ୍ଷୋଭ ହୋଇଛି। ଦଖଲରେ ଥିବା ଗରିବ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇଦେବା, ଗରିବ ପରିବାରକୁ ଖାଉଟି କାର୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ, ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି, ୩୦ ଶଯ୍ୟା ପାଇଁ ନୂତନ ଗୃହ ନିର୍ମାଣ, ବୈପାରୀଗୁଡ଼ା ମୁଖ୍ୟରାସ୍ତାରୁ ବୀରଖମ୍ବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପକ୍କା କରିବା, ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ହେଉଥିବା ଦୁର୍ନୀତି ହଟାଇବା, ସ୍ଥାନୀୟ ଛକରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଦାବି ରହିଛି। ଏହି ବିକ୍ଷୋଭରେ ଏସ୍‌ୟୁସିଆଇ ନେତା ସୂର୍ଯ୍ୟନାରାୟଣ ବିଶୋଇ, କମ୍ରେଡ୍ ରାମ ବାରିକ, କମ୍ରେଡ ସଦାଶିବ ଦାସ, କମ୍ରେଡ୍ ରୁକ୍ମିଣୀ ବାରିକ, କମ୍ରେଡ କାହ୍ନୁଚରଣ ବିଶ୍ୱାଳ ସାମିଲ ଥିଲେ।

## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




ଶିକ୍ଷକ ପବିତ୍ରମୋହନ ଦାସଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ବୋରିଗୁମ୍ମା,୯।୯(ଡି.ଏନ୍.ଏ.)

ଗୁରୁଦିବସରେ ରାଷ୍ଟ୍ରପତିଙ୍କ ହାତରୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପାଇ ନୂଆଦିଲ୍ଲୀରେ ଫେରିବା ପରେ କୃତୀ ଶିକ୍ଷକ ପବିତ୍ର ମୋହନ ଦାସଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ବୋରିଗୁମ୍ମାରେ ସେ ପହଞ୍ଚିବା ପରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ତାଙ୍କୁ ଏକ ଶୋଭାଯାତ୍ରାରେ ଆଣିଥିଲେ ଶତାଧିକ ଶିକ୍ଷକ ଓ ବୁଦ୍ଧିଜୀବୀ। ସ୍ଥାନୀୟ ଶିକ୍ଷକ ଭବନରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ କୃତୀ ଶିକ୍ଷକ ଦାସ ନିଜ ଅନୁଭୂତି ବଖାଣିଥିଲେ। ଶିକ୍ଷକ ଦାସଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ କୋରାପୁଟ ଭଳି ପଛୁଆ ଜିଲା ତଥା ବୋରିଗୁମ୍ମା ଅଞ୍ଚଳ ଗର୍ବିତ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ମଣ୍ଡଳୀ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗୁରୁ ଦିବସରେ ଦେଶର ୪୫ ଜଣ ଶିକ୍ଷକ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହେଇଥିବା ବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ଏକମାତ୍ର ଭାବେ ପୁରସ୍କାର ପାଇଥିଲେ ବୋରିଗୁମ୍ମା ବ୍ଲକ ଖଟଲୁଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ଦାସ।

- ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## ଦଶହରା ଛୁଟି ପରେ ଅବିଭକ୍ତ କୋରାପୁଟ ବନ୍ଦ ଡାକରା

ଜୟପୁର,୯।୯(ଡି.ଏନ୍.ଏ.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ୪ଟି ଜିଲାରେ ଚାଲିଥିବା ଆଇନଜୀବୀଙ୍କ ଆନ୍ଦୋଳନ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଚାଲିବ। ଅବିଭକ୍ତ କୋରାପୁଟ ଜିଲାର ଆଇନଜୀବୀ କେନ୍ଦ୍ରିୟ ସମନ୍ୱୟ କମିଟି ପକ୍ଷରୁ ଏହି ନିଷ୍ପତ୍ତି ହୋଇଛି। ଦଶହରା ଛୁଟି ପରେ ଅବିଭକ୍ତ କୋରାପୁଟ ଜିଲାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏ ନେଇ ଅକ୍ଟୋବର ୨୦ରେ ମାଲକାନଗିରିଠାରେ ଅନୁଷ୍ଠିତ ବୈଠକ ପରେ ତାରିଖ ନିର୍ଦ୍ଧାରିତ ହେବ। ଗତ ରବିବାର ସେମିଳିଗୁଡ଼ା ବୈଠକରେ ଏହା ଆଲୋଚିତ ହୋଇଥିବା ବେଳେ ଏନେଇ ସୋମବାର ରାଜ୍ୟ ବାର ଅଧ୍ୟକ୍ଷ, ଜିଲା ଜଜ୍‌ଙ୍କୁ ଚିଠି କରାଯାଇଛି। ଆନ୍ଦୋଳନ ବେଳେ ଜେଲ ହାଜତରେ ଥିବା ଅଭିଯୁକ୍ତଙ୍କ କେବଳ ଜାମିନ ଆବେଦନ କରାଯିବ। ସେହିପରି ଦୁର୍ଘଟଣାଜନିତ ମାମଲା ଦାଖଲ, ଦେୱାନି ମାମଲାରେ ଆବଶ୍ୟକ ଅନୁଯାୟୀ ସ୍ଥଗିତାଦେଶ ପାଇଁ ଆବେଦନ ହୋଇପାରିବ। କିନ୍ତୁ ଶୁଣାଣି କିମ୍ବା ଅନ୍ୟ କୌଣସି ମାମଲା ସମ୍ପର୍କିତ କାର୍ଯ୍ୟ କୋର୍ଟରେ ହେବନାହିଁ। ସେହିପରି ଆସନ୍ତା ୧୪ରେ ତୃତୀୟ ଜାତୀୟ ଲୋକ ଅଦାଲତକୁ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ କମିଟିର ଏକ ପ୍ରତିନିଧି ଦଳ ରାୟଗଡ଼ା ଜିଲା ଆଇନଜୀବୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଆନ୍ଦୋଳନକୁ ସମର୍ଥନ ଦେବା ପାଇଁ ଅନୁରୋଧ କରାଯିବ। ସେହିପରି କୋରାପୁଟ, ଜୟପୁର, ନବରଙ୍ଗପୁର, ମାଲକାନଗିରିର ମାମଲାକୁ ରାୟଗଡ଼ା ଜିଲାକୁ ସ୍ଥାନାନ୍ତର କରାଯିବ ଏବଂ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଅସ୍ଥାୟୀ କ୍ୟାମ୍ପରେ ଶୁଣାଣିକୁ କମିଟିରେ ବିରୋଧ କରାଯିବା ପାଇଁ ସରକାରଙ୍କୁ ଚିଠି କରିବାକୁ ନିଷ୍ପତ୍ତି ହୋଇଛି। ମିଳିତ କେନ୍ଦ୍ରିୟ କ୍ରିୟାନୁଷ୍ଠାନ କମିଟିର ଆବାହକ ରବୀନ୍ଦ୍ର ପାତ୍ରଙ୍କ ଆହ୍ୱାନ କ୍ରମେ ଅଧ୍ୟକ୍ଷ ସରୋଜ ଦାଶ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ କୋରାପୁଟ, ସେମିଳିଗୁଡ଼ା, ଲକ୍ଷ୍ମୀପୁର, ଜୟପୁର, ନବରଙ୍ଗପୁର, କୋଟପାଡ଼, ବୋରିଗୁମ୍ମା ଆଇନଜୀବୀ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସ୍ମୃତିରେ ଝଲସିଲେ ୧୯୬୫ ଯୁଦ୍ଧର ଶହୀଦ

### ଯୀଶୁଦାନ ଖୋସ୍ଲାଙ୍କ ଶ୍ରାଦ୍ଧ ଦିବସ




ଶହୀଦଙ୍କ ଶ୍ରାଦ୍ଧ ଦିବସରେ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ରଘୁରାମ ପଡାଲ ଓ ଅନ୍ୟମାନେ।

କୋରାପୁଟ,୯।୯(ସ୍ୱ.ପ୍ର.)

୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଶହୀଦ ହୋଇଥିବା ଯୀଶୁଦାନ ଖୋସ୍ଲାଙ୍କ ୫୪ତମ ଶ୍ରାଦ୍ଧବାର୍ଷିକୀ ସୋମବାର ସ୍ଥାନୀୟ ଟାଉନ ହଲଠାରେ ପାଳିତ ହୋଇଛି। ଏଥିରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଜୀବନୀ ଯୁବ ସମାଜଙ୍କ ପାଇଁ ଏକ ପ୍ରେରଣା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ଯୋଗଦେଇ ଶହୀଦଙ୍କୁ ପୁଷ୍ପମାଲ୍ୟ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଏଯାବତ୍ ଶହୀଦଙ୍କ ଉପରେ ପୁସ୍ତକଟିଏ ହେବା କିମ୍ବା କୌଣସି ରାସ୍ତା କି ବିଦ୍ୟାଳୟର ନାମକରଣ ତାଙ୍କ ନାମରେ ନହେବା ଦୁର୍ଭାଗ୍ୟର ବିଷୟ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନି, ଉପାଧ୍ୟକ୍ଷ ନାସିଲୁ କାମିଡି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆମ୍ମା, ବିରଞ୍ଚି ଖୋସ୍‌ଲା, ଶହୀଦଙ୍କ ଭାଇ ବ୍ରଜାନନ୍ଦ ଖୋସ୍‌ଲା ଉପସ୍ଥିତ ଥିଲେ। ଏହି ଅବସରରେ ୧୯୬୫ ମସିହା ଭାରତ ପାକିସ୍ତାନ ଯୁଦ୍ଧ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



**ଆଜି କ'ଣ କେଉଁଠି**

## ଜେଠମାଲାନିଙ୍କ ବିୟୋଗରେ ଓକିଲ ସଂଘର କାର୍ଯ୍ୟବନ୍ଦ

**ବ୍ରହ୍ମପୁର ଅଫିସ,୯।୯:** ଦେଶର ଜଣେ ଖ୍ୟାତନାମା ଆଇନଜ୍ଞ ରାମ ଜେଠମାଲାନିଙ୍କ ବିୟୋଗରେ ସୋମବାର ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, ଜେଠମାଲାନି ଅନେକ ଗୁରୁତ୍ୱପୂର୍ଣ୍ଣ ଫୌଜଦାରି ମାମଲା ଲଢ଼ି ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ପ୍ରଖ୍ୟାତ ଆଇନଜ୍ଞ ଓ ବିଦ୍ୱାନଙ୍କୁ ହରାଇଲା । ସେହିପରି ବରିଷ୍ଠ ଓକିଲ ଶିଶିର ପାଢ଼ୀ କହିଥିଲେ, ଜେଠମାଲାନି ଜଣେ ସ୍ପଷ୍ଟବାଦୀ ଓକିଲ ଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ଅସାଧାରଣ ଆଇନଜ୍ଞଙ୍କୁ ହରାଇଲା। ସେହିପରି ଓକିଲ ରଘୁନାଥ ପ୍ରସାଦ ପାଣିଗ୍ରାହୀ କହିଥିଲେ, ଆଇନଜୀବୀଙ୍କ ପାଇଁ ସେ ମାର୍ଗଦର୍ଶକ ଥିଲେ। ତାଙ୍କ ବିୟୋଗ ସମଗ୍ର ବିଚାରବିଭାଗ ପାଇଁ ଅପୂରଣୀୟ କ୍ଷତି। ସୋମବାର ଦିନକ ପାଇଁ ଜିଲା ଦୌରା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଗୁଡିକରେ ଆଇନଜୀବୀମାନେ କାର୍ଯ୍ୟବନ୍ଦ କରିଥିଲେ। ଏଥିରେ ସଂଘ ଉପ ସଭାପତି ଚିତ୍ତରଞ୍ଜନ ଶତପଥୀ, ସମ୍ପାଦକ କୈଳାସ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ କିରଣ ମଣ୍ଡଳ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ, ମୋହନ ସିଙ୍ଗାରି, ନିରଞ୍ଜନ ନାୟକ, ସଞ୍ଜୟ ପଣ୍ଡା, ବୀରେନ ପଟନାୟକ, ବରୁଣ ଗୌଡ଼ଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ।

## ୭ରୁ ଊର୍ଦ୍ଧ୍ୱ ନର୍ସିଂ କଲେଜ ଛାତ୍ରୀ ଅସୁସ୍ଥ

ବାରିପଦା ଅଫିସ,୯।୯- ମୟୂରଭଞ୍ଜ ଜିଲା ବାରିପଦା ସହର ସ୍ଥିତ ଏକ ନର୍ସିଂ କଲେଜର ଛାତ୍ରୀନିବାସରେ ରହୁଥିବା ୭ରୁ ଊର୍ଦ୍ଧ୍ୱ ଛାତ୍ରୀ ସୋମବାର ସନ୍ଧ୍ୟାରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ସୂଚନା ପାଇ ଛାତ୍ରୀନିବାସ କର୍ତ୍ତୃପକ୍ଷ ସେମାନଙ୍କୁ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଇଛନ୍ତି। ଅସୁସ୍ଥତାର କାରଣ ଜଣା ପଡ଼ି ନ ଥିଲା ବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ।

## ବିଲରେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବନ୍ତ, ୯।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ବିଟିପୁର ଗ୍ରାମର ଚାଷୀ ଅଜୟ ସେଠୀ(୪୮) ସୋମବାର ବିଲରେ କାମ କରୁଥିବା ବେଳେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଜୟ ନିଜ ବିଲରେ କାମ କରିବାକୁ ଯାଇଥିଲେ। ବିଲ ନିକଟରେ ଏକ ଗଛ ମୂଳେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲାରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

■ଅପରାଧ ସମୀକ୍ଷା କଲେ ଏସ୍‌ପି

# ସବୁ ମାମଲା ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୯।୯**

ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀଙ୍କୁ ନେଇ ସୋମବାର ଅପରାଧ ସମୀକ୍ଷା କରିଛନ୍ତି ଏସ୍‌ପି ପିନାକ ମିଶ୍ର। ଜିଲା ପୋଲିସ କାର୍ଯ୍ୟାଳୟର ସିସିଟିଏନ୍‌ଏସ୍ ସମ୍ମିଳନୀ କକ୍ଷରେ ଏସ୍‌ପି ମିଶ୍ର ସୋମବାର ଜିଲାର ଅପରାଧ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତି ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକର ଯଥାଶୀଘ୍ର ତଦନ୍ତ କରିବାକୁ ସେ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ଶେଷ ହେବାକୁ ଆଉ କିଛି ମାସ ବାକି ରହିଛି । ପୁରୁଣା ମାମଲାର ତଦନ୍ତ ସାରିବା ସହ ସମସ୍ତ ମାମଲା ଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାକୁ କୁହାଯାଇଛି। ଯଥାଶୀଘ୍ର ପୁରୁଣା ମାମଲାଗୁଡ଼ିକର ତଦନ୍ତ ସାରି ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ମିଶ୍ର କହିଛନ୍ତି। ଥାନା ରେଜିଷ୍ଟର ଅପଟୁଡେଟ୍ ରଖିବାକୁ ମଧ୍ୟ କୁହାଯାଇଛି। କେତେଜଣ ଅପରାଧୀଙ୍କ ନାଁରେ ୱାରେଣ୍ଟ ରହିଛି ତାର ତାଲିକା ପ୍ରସ୍ତୁତ କରିବା ସହ ପ୍ରତି ମାସରେ କେତେଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ସେନେଇ ମଧ୍ୟ ତାଲିକା ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ଥାନା ରେଜିଷ୍ଟର ଅପଟୁଡେଟ୍ ରଖିବାକୁ ଏସ୍‌ପି କହିଛନ୍ତି । ସାଧାରଣ ଜନତା, ବରିଷ୍ଠ ନାଗରିକ ଓ ମହିଳାଙ୍କୁ ସୁରକ୍ଷା

> ■ପେସାଦାର ଅପରାଧୀଙ୍କ ଉପରେ ନଜର ରଖ
>
> ■ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ

ଦେବା ସହ ଅପରାଧୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ମଧ୍ୟ ସେ କହିଛନ୍ତି । ଅଧିକରୁ ଅଧିକ ମାମଲାରେ ଦୋଷୀ କିଭଳି ଦଣ୍ଡ ପାଇବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ମହିଳା ଓ ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା। ସୁପ୍ରିମକୋର୍ଟ ଆଦେଶକୁ ପାଳନ କରିବା ସହ ଯେପରି ଦୁର୍ଘଟଣା ସଂଖ୍ୟା କମିବ ସେଥିପ୍ରତି ଦୃଷ୍ଟି ଦେବାକୁ ଥାନାଧିକାରୀମାନଙ୍କୁ କୁହାଯାଇଛି। ଅନ୍ୟପଟେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଏସ୍‌ପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଏଚଆରପିସି ଡିଏସ୍‌ପି ଜେକେ ପଟ୍ଟନାୟକ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର,୯।୯(ଡି.ଏନ୍.ଏ.):**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳର ଏକ ପରିତ୍ୟକ୍ତ ଘରେ ଜଣେ ୧୬ବର୍ଷ ବୟସ୍କା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ସୋମବାର ଅଭିଯୁକ୍ତ ଯୁବକ ପୁଙ୍ଗା ସୋରେନ (୨୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୪ ତାରିଖରେ ନାବାଳିକା ଜଣକ ରାଇରଙ୍ଗପୁର ବଜାରକୁ ଡ୍ରେସ କିଣିବାକୁ ଆସି ସନ୍ଧ୍ୟାରେ ଘରକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସାଇକେଲ୍‌ରେ ଯାଉଥିବା ଅଭିଯୁକ୍ତ ପୁଙ୍ଗା ତାଙ୍କୁ ସାଇକେଲରେ ବସାଇ ନେଇ ଆସିଥିଲେ। ବାଟରେ ଥିବା ଏକ ପରିତ୍ୟକ୍ତ ଘରେ ନାବାଳିକାଙ୍କୁ ପୁଙ୍ଗା ବଳାତ୍କାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତା ଜଣକ କାନ୍ଦି କାନ୍ଦି ଫେରୁଥିବା ବେଳେ ଗ୍ରାମବାସୀ ଏହା ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରଦିନ ଏଥିନେଇ ଗ୍ରାମବାସୀ ଏକ ବୈଠକ କରିଥିଲେ। ବୈଠକରେ ପୀଡ଼ିତା ନାବାଳିକାଙ୍କୁ ବିବାହ କରିବା ସକାଶେ ପୁଙ୍ଗାଙ୍କୁ କୁହାଯାଇଥିଲା। ବୈଠକରେ ପୁଙ୍ଗା ବିବାହ ପାଇଁ ରାଜି ନ ହେବାରୁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିନେଇ ଥାନାରେ ଏକ ମାମଲା (ନଂ. ୧୦୩/୧୯) ରୁଜୁ ହୋଇଥିଲା। ସୋମବାର ପୋଲିସ ଗିରଫ ଯୁବକ ପୁଙ୍ଗା ଏବଂ ପୀଡ଼ିତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତରୀମାଇନା କରାଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

## ୭ନଂ. ୱାର୍ଡରେ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୯।୯**

ବ୍ରହ୍ମପୁର ମହାନଗର ନିଗମ ୭ ନଂ. ୱାର୍ଡରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି। ବଡ ବଜାର ଥାନା, ସାଇବର ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଜୁ ଯୁବ ବାହିନୀର କୋଅର୍ଡିନେଟର ହୟଗ୍ରୀବ ଷଡ଼ଙ୍ଗୀ, ଉଷାରାଣୀ ସାହୁ, ଯୁବ ସଂଗଠନ ସୀମାଞ୍ଚଳ ସାହୁ, ଶଙ୍କର ଗୌଡ, ଦୀପଙ୍କର ପାତ୍ର ଓ ବାଲାଜୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ଦୋଳନକୁ ଓହ୍ଲାଇବେ ମିଟର ରିଡର ଶ୍ରମିକ ସଂଘ

**ବ୍ରହ୍ମପୁର ଅଫିସ,୯।୯**

ସାଉଥ୍‌କୋ ମିଟର ରିଡର ଶ୍ରମିକ ସଂଘର ଏକ ଜରୁରୀ ବୈଠକ ବାଳକୁମାରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାୟଗଡାର ହରିହର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନାତନ ଜେନା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସର୍ବନିମ୍ନ ମଜୁରି ପ୍ରଦାନ ଦିଗରେ ସାଉଥ୍‌କୋର ଅବହେଳାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା । ସର୍ବନିମ୍ନ ମଜୁରି ପ୍ରଦାନରେ ବିଳମ୍ବ, ଦୀର୍ଘ ୩ ମାସର ବକେୟା ଦରମା ପ୍ରଭୃତି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଗଞ୍ଜାମ ଜିଲା ମିଟରରିଡର ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ଜଗନ୍ନାଥ ଯୁବ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୯।୯**

ବ୍ରହ୍ମପୁର ଶ୍ରୀରାମନଗର ପ୍ରଥମ ଗଳିସ୍ଥିତ ଜଗନ୍ନାଥ ଯୁବ ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜାର ସପ୍ତମ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୧୧ତମ ବର୍ଷରେ ପହଞ୍ଚିଥିବା ଏହି ପୂଜା କମିଟି ପକ୍ଷରୁ ୧୦୮ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବଡବଜାର ଥାନା ଏସ୍‌ଆଇ ଭାସ୍ୱତ ରଞ୍ଜନ ରାୟ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ଆଇନଜୀବୀ ପ୍ରଦୀପ ବେହେରା, ଆଇନଜୀବୀ ଦିଲୀପ କୁମାର ରାଉଳ, ସମାଜିକକର୍ମୀ ସୁନୀଲ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିପୁରସ୍ମୃତି କଳାକେନ୍ଦ୍ରର ଶିଶୁ କଳାକାରମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁମୀତ ମହାପାତ୍ର, ଭିକି ମହାପାତ୍ର, ଆଲୋକ ସାହୁ ଓ ଚିଣ୍ଟୁ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରୌପ୍ୟ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର ଅଫିସ,୯।୯**

ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ୨୫ତମ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ତଥା ରୌପ୍ୟଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ପ୍ରଫେସର ଡ. ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢୀ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସମାରୋହର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଅକ୍ଟୋବର ୨ରେ ହେବାକୁ ଥିବା ସମାରୋହ ଅବସରରେ ଅନୁଷ୍ଠାନ ମୁଖପତ୍ର 'ସୁନା ଅଜା' ପ୍ରକାଶ ପାଇବ । ବହୁ କବି, ଲେଖକଙ୍କ ଶିଶୁ ଗଳ୍ପ ସଙ୍କଳନ ଓ କବିତା ସଙ୍କଳନ ଲୋକାର୍ପିତ ହେବା ସହ ଶିଶୁ ସାହିତ୍ୟିକଙ୍କୁ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରହିଥିବା ବୈଠକରେ ସୂଚାଯାଇଥିଲା । ଏହାପରେ ଅନୁଷ୍ଠାନର ମାସିକ ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆସରରେ ଉପଦେଷ୍ଟା ରଘୁନାଥ ପାଇକ, ହାଡ଼ିବନ୍ଧୁ ମାଳୀ, ଡ. ବନମାଳୀ ପାଣିଗ୍ରାହୀ, ପ୍ରଫେସର ଡ. ବ୍ରଜମୋହନ ଶାସମଲଙ୍କ ସମେତ ବହୁ କବୟିତ୍ରୀ କବି ଉପସ୍ଥିତ ରହି ଶିଶୁ ଗଳ୍ପ ଓ କବିତା ପାଠ କରିଥିଲେ। ପାଠାଗାର ଆନ୍ଦୋଳନର ପ୍ରମୁଖ ତଥା ବିଶିଷ୍ଟ ସଂଗ୍ରାହକ ସ୍ୱର୍ଗତ ଦାଶରଥି ପଟ୍ଟନାୟକ ଦାସିଆ ଅଜାଙ୍କ ସ୍ମୃତିଚାରଣ କରାଯାଇଥିଲା । ଉପସଭାପତି ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ ।

## ଜିଲା କୋର୍ଟରେ ସୁଲତାନ ସରିଫ ହେଲେ ନୂତନ ସିରସ୍ତାଦାର

**ବ୍ରହ୍ମପୁର ଅଫିସ,୯।୯**

ଗଞ୍ଜାମ ଜିଲା ଦୌରା ଜଜଙ୍କ କୋର୍ଟରେ ସୋମବାର ନୂତନ ସିରସ୍ତାଦାର ଭାବେ ଜନା ସୁଲତାନ ସରିଫ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲା ଜଜ୍ ବିଭୁ ପ୍ରସାଦ ରାଉତରାୟ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲା କୋର୍ଟର ବିଚାର ବିଭାଗୀୟ କର୍ମଚାରୀ ଅଜିତ ମହାନ୍ତି, ବିନୋଦ ପଣ୍ଡା, ଜୟଦେବ ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରକାଶ ଯେ, ପୂର୍ବରୁ ଏହି କୋର୍ଟରେ ସିରସ୍ତାଦାର ଥିବା ସିରସା ନନ୍ଦ ବେହେରା ଗତ ମାସ ୩୧ ତାରିଖରେ ଅବସରଗ୍ରହଣ କରିଥିଲେ।

## ଶ୍ରୀମଦ ଭାଗବତ ପାରାୟଣ, ମହୋତ୍ସବ

**ଶେରଗଡ଼,୯।୯(ଡି.ଏନ.ଏ.)**

ଶେରଗଡ ନିକଟସ୍ଥ ବିଜୟ ରଘୁନାଥପୁର ଗ୍ରାମରେ ରବିବାରରୁ ଶ୍ରୀମଦ ଭାଗବତ ପାରାୟଣ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଭାଗବତ ସଂସ୍କୃତି ସଂସଦ ପକ୍ଷରୁ ଯୁବ ବନ୍ଧୁମାନେ ଏକଜୁଟ ହୋଇ ଭାଗବତ ପୋଥିକୁ ନଗର ପରିକ୍ରମା ପରେ ସଂସଦ ଗୃହରେ ବିରାଜମାନ କରାଯାଇଥିଲା। ପରେ ସାମୁହିକ ପୂଜାର୍ଚ୍ଚନା ସହ ଭାଗବତ ପାରାୟଣ କରାଯାଇଥିଲା। ଅରୁଣ ଚରଣ ସାମନ୍ତରାୟ, ପ୍ରତାପ କୁମାର ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, କୈଳାସ ଚନ୍ଦ୍ର ତ୍ରିପାଠୀ, ଭାସ୍କର ମହାପାତ୍ର, ସୁଜିତ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ୧୪ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଉକ୍ତ ମହୋତ୍ସବରେ ପ୍ରତିଦିନ ସକାଳେ ପାରାୟଣ ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ବରିଷ୍ଠ ଖବରଦାତାଙ୍କ ବିୟୋଗରେ ଶୋକ



ଶୋକସଭାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ।

**ବ୍ରହ୍ମପୁର ଅଫିସ,୯।୯**

ରାଜ୍ୟର ଦୁଇ ବରିଷ୍ଠ ଖବରଦାତା ଦିଲୀପ କୁମାର ଶତପଥୀ ଏବଂ ଗିରୀଶ ଚନ୍ଦ୍ର ପାଢୀଙ୍କ ବିୟୋଗରେ ବ୍ରହ୍ମପୁରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଡାକବଙ୍ଗଳା ସଭାକକ୍ଷରେ ଆୟୋଜିତ ଶୋକସଭାରେ ସହରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେମାନଙ୍କ କାର୍ଯ୍ୟଶୈଳୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ଉଦାହରଣ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବରିଷ୍ଠ ଖବରଦାତା ମନୋଜକାନ୍ତ ଦାଶ, ଜଗନମୋହନ ମହାପାତ୍ର, ପ୍ରକାଶ ପଟ୍ଟନାୟକ, ଅଶୋକ କୁମାର ବ୍ରହ୍ମା ଦୁଇ ଖବରଦାତାଙ୍କ ବିୟୋଗ ରାଜ୍ୟ ପାଇଁ ତଥା ଗଣମାଧମ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଶିବରାମ ଚୌଧୁରୀ, ନାରାୟଣ ମହାଙ୍କୁଡ, ଅମର କୁମାର ଦାସ, କୁନା ମିଶ୍ର, ସମୀର ଆଚାର୍ଯ୍ୟଙ୍କ ସମେତ ବହୁ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ସେହିଭଳି ବରିଷ୍ଠ ଖବରଦାତା ଶତପଥୀ ଏବଂ ପାଢୀଙ୍କ ବିୟୋଗରେ ଜାତୀୟ ସାମ୍ବାଦିକ ୟୁନିଅନ୍ (ଏନ୍‌ୟୁଜେଆଇ)ର ରାଜ୍ୟ ସଭାପତି ରବି ରଥ ଶୋକପ୍ରକାଶ କରିଛନ୍ତି ।

## ସ୍ୱାମୀ ଚିଦାନନ୍ଦଙ୍କ ଜନ୍ମୋତ୍ସବ ପାଳିତ

**ବ୍ରହ୍ମପୁର ଅଫିସ,୯।୯**

ବ୍ରହ୍ମପୁର ମୁନିସିପାଲ କଲୋନୀସ୍ଥିତ ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ନଗର ପରିକ୍ରମା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାମନଗର ଶିବାନନ୍ଦ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ଏକ ପଟୁଆରରେ ଆଶ୍ରମରୁ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ । ଏହାପରେ ଗୁରୁପାଦୁକା ପୂଜା, ସହସ୍ରନାମ, ଅଧ୍ୟାତ୍ମିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୪ରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଜୟନ୍ତୀ ପାଳନ ଅବସରରେ ନାମଯଜ୍ଞ ସହ ଏମ୍‌କେସିଜିରେ ରୋଗୀଙ୍କୁ ଫଳ ଏବଂ ଗରିବଙ୍କୁ ବସ୍ତ୍ର ବଣ୍ଟନ କରାଯିବା ନେଇ କାର୍ଯ୍ୟକ୍ରମରେ ସୂଚାଯାଇଥିଲା । ସଂଘ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ, ରୀନା ପାଢୀ, ଶାନ୍ତି ଭୂଷଣ ପଣ୍ଡା, ବିଜୟ କୁମାର ପାତ୍ର, ଶାରଦା ଦାଶ, ଶ୍ରୀନିବାସ ପାତ୍ର, ସୁରେଶ ବରାଡ, କିଶୋର ପାଣିଗ୍ରାହୀ, ଅଲେଖ ବେହେରା ଓ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।



ନଗର ପରିକ୍ରମା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ସଂଘ କର୍ମକର୍ତ୍ତା ।

■ସୋରଡ଼ାରେ ଜିଲା ବିଜେଡି କାର୍ଯ୍ୟକାରିଣୀ ବୈଠକ ଆଜି

# ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ଦିଆଯିବ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ/ ସୋରଡା,୯।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ସୋରଡ଼ାରେ ଅନୁଷ୍ଠିତ ହେବ। ଏଥିରେ ଦଳର ପ୍ରାୟ ୩ ହଜାର କର୍ମୀ, ନେତା ଓ ଛାମୁଆ ସଂଗଠନ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେଠାକାର ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଆୟୋଜନର ଦାୟିତ୍ୱ ଦିଆଯାଇଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛତ୍ରପୁର ବିଧାୟକ ତଥା ଦଳର ଜିଲା ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ସୋରଡ଼ାରେ ରହି ଏହାର ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ଜୁନ ୨୨ରେ ଗୋପାଳପୁରରେ ଅନୁଷ୍ଠିତ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକର ୧୫ ମାସ ବିତିବାକୁ ଯାଉଥିବା ବେଳେ ୨୦୧୯ର ବୈଠକ ସୋରଡ଼ାରେ ଆୟୋଜନ କରାଯାଇଛି। ଜିଲା ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିବେ। ୨ ଏମ୍‌ପିଙ୍କ ବ୍ୟତୀତ ୧୧ ବିଧାୟିକା, ବିଧାୟକ ଯୋଗଦେବେ। ଜିଲା ପର୍ଯ୍ୟବେକ୍ଷକ ଓ ଅନ୍ୟମାନେ ଉପସ୍ଥିତ ରହିବେ ।

ବୈଠକରେ ମୁଖ୍ୟତଃ ଦଳର ସଂଗଠନକୁ ବିସ୍ତାର କରିବା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ୫-ଟି ର ସଫଳ ରୂପାୟନ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ଜିଲା ସାଧାରଣ ସମ୍ପାଦକ ସୁବାସ ସୂଚନା ଦେଇଛନ୍ତି। ନୂଆ ଫର୍ମୁଲାରେ ବିଜେଡି ସଦସ୍ୟା, ସଦସ୍ୟଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ନିମନ୍ତେ ସମବେତ କର୍ମୀ ଓ ନେତାଙ୍କୁ ପରାମର୍ଶ ଦିଆଯିବ। ଏଥିପାଇଁ ପ୍ରସ୍ତୁତ ବ୍ଲୁପ୍ରିଣ୍ଟ ଉପସ୍ଥାପିତ କରାଯିବ।

ଗତ ବର୍ଷ ଗୋପାଳପୁର ବୈଠକରେ ଆଗତ ୨୭ ରାଜନୈତିକ ପ୍ରସ୍ତାବରୁ କେତୋଟି କାର୍ଯ୍ୟକାରୀ ହୋଇଛି

> ■ଦଳର ସଭ୍ୟ ସଂଗ୍ରହ ବିସ୍ତାର ନେଇ ଆଲୋଚନା ହେବ
>
> ■ଗୋପାଳପୁର ବୈଠକର ପ୍ରସ୍ତାବ ସମୀକ୍ଷା କରାଯିବ

ସେନେଇ ସମୀକ୍ଷା କରାଯିବ। ଏହି ଗୃହୀତ ପ୍ରସ୍ତାବଗୁଡ଼ିକ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଥିଲା। ତା' ମଧ୍ୟରେ ଜିଲାର ସବୁ ବ୍ଲକରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ କରି ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା, ଏମ୍‌କେସିଜି ମେଡିକାଲ କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦିଆଯିବା ଏବଂ ସେଠାରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ କରାଯିବା, ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଋଷିକୁଲ୍ୟା ନଦୀ ଯୋଜନାର ଆଧୁନିକୀକରଣ, ଘଟକେଶ୍ୱର ସେଚ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ କରାଯିବା, ମତ୍ସ୍ୟଜୀବୀଙ୍କ ପାଇଁ ମାଛ ଧରା ବନ୍ଦର ନିର୍ମାଣ ଆଦି ଅନ୍ତର୍ଭୁକ୍ତ ଥିଲା। ସେହିପରି ବ୍ରହ୍ମପୁରରେ ରିଂ-ରୋଡ ନିର୍ମାଣ, ଆସିକା ଚିନିଶିଳ୍ପର ଉନ୍ନତୀକରଣ କରାଯିବା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା। ତନ୍ମଧ୍ୟରୁ ଗୋଟିଏ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ସୋରଡ଼ା ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହେବ।

ଅପରପକ୍ଷରେ ଗୋପାଳପୁର ବୈଠକରେ ଓଡ଼ିଶା ତଥା ଗଞ୍ଜାମ ଜିଲା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ନେଇ ୧୨ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈମାତୃକ ମନୋଭାବ ପୋଷଣ ନେଇ କେନ୍ଦ୍ରକୁ ଟାର୍ଗେଟ କରାଯାଇଥିଲା। ଚଳିତ ବର୍ଷ ସାଧାରଣ ନିର୍ବାଚନ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନୋଭାବରେ ପରିବର୍ତ୍ତନ ଘଟିଛି। ତେଣୁ ସୋରଡ଼ା ବୈଠକରେ କେନ୍ଦ୍ର ଅବହେଳାକୁ ନେଇ କି ପ୍ରକାର ପ୍ରସ୍ତାବ ଆଗତ ହେବ କି ନାହିଁ ସେନେଇ ରାଜନୈତିକ ମହଲରେ ଅପେକ୍ଷା କରାଯାଇଛି।

## ସଂକ୍ଷେପରେ

### ବାଇକ୍‌ରୁ ଖସିପଡି ମହିଳା ମୃତ

**କାଲିମେଲା,୯।୯(ଡି.ଏନ.ଏ.)-** ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଉଣ୍ଡୁକୋଣ୍ଡା ପଞ୍ଚାୟତର ଏମଭି-୫୭ ଗ୍ରାମରେ ମୋଟର ସାଇକେଲରୁ ଖସିପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଉଛନ୍ତି ଏମଭି-୭୫ ଗ୍ରାମର ରବେନ ସରଦାରଙ୍କ ସ୍ତ୍ରୀ ନିୟତି ସରଦାର (୪୫)। ନିୟତି ରବିବାର ସନ୍ଧ୍ୟାରେ ତାଙ୍କର ଜଣେ ସମ୍ପର୍କୀୟ ଚନ୍ଦନ ମଣ୍ଡଳଙ୍କ ସହ ମୋଟରସାଇକେଲରେ ମାଲକାନଗିରିରୁ ଏମଭି-୫୭ ଗ୍ରାମକୁ ଫେରୁଥିଲେ। ଘରେ ପହଞ୍ଚିବାକୁ ୪କିମି ଅଛି ଏମଭି-୫୭ ଗ୍ରାମଠାରେ ସେ ମୋଟରସାଇକେଲରୁ ଖସି ପଡିଥିଲେ । ଏଥିରେ ତାଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ଡାକ୍ତର ନିୟତିଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ୧୩୭/୧୯ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଏସଆଇ ଗୋବିନ୍ଦ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରୁଛନ୍ତି ।

ଦିଗପହଣ୍ଡିରେ ଅଜଣା ରୋଗ ଆତଙ୍କ

### ମରୁଛନ୍ତି ବହୁ ସଂଖ୍ୟକ ପାରା, କୁଆ

ଦିଗପହଣ୍ଡି,୯।୯(ଡି.ଏନ.ଏ.)-ଦିଗପହଣ୍ଡି ସହରରେ ଅଜଣା ରୋଗ କାୟା ବିସ୍ତାର କରୁଛି। ଏନେଇ ଆତଙ୍କ ପ୍ରକାଶ ପାଇଛି। ଏନ୍‌ଏସି ଅଧୀନ ୩ ନଂ. ୱାର୍ଡ ପିଏଚ୍‌ଡି ରୋଡ ଉମାଶଙ୍କର କଲୋନୀରେ ଗତ ଦୁଇ ଦିନ ହେଲା ବହୁ ସଂଖ୍ୟକ ପାରା କୁଆଙ୍କ ମୃତଦେହ ଦେଖିବାକୁ ମିଳୁଛି। ସେସବୁ ସବୁଜ ରଙ୍ଗ ହୋଇଯାଉଥିବାରୁ କୌଣସି ଅଜଣା ରୋଗର ପ୍ରଭାବରେ ପକ୍ଷୀମାନେ ମୃତ୍ୟୁବରଣ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା କୈଳାସ ଷଡଙ୍ଗୀ କହିଛନ୍ତି। ଏ ନେଇ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅନୀତା ଦୋରାଙ୍କୁ ପଚାରିବାରୁ ଲଗାଣ ବର୍ଷା ପ୍ରଭାବରେ ଭୁତାଣୁ ସଂକ୍ରମିତ ହୋଇ ପ୍ରାଣୀ ଓ ବିଶେଷ କରି ପକ୍ଷୀମାନଙ୍କ ଦେହରେ ଅତ୍ୟଧିକ ଉତ୍ତାପ ବଢ଼ିଥାଏ। ପ୍ରାଣୀ ଓ ଗୋ ସମ୍ପଦ ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ସେମାନଙ୍କ ମୁଣ୍ଡ, ବେକ, ଗୋଡ଼ ଆଦିରେ ବଥ ପରି ଘା ହୋଇଥାଏ। ଏହି ରୋଗ କାପ୍ରି ପକ୍ସସ ନାମକ ଭୁତାଣୁ ଦ୍ୱାରା ବ୍ୟାପିଥାଏ। ଘା ଗୁଡ଼ିକର ରକ୍ତ, ଲାଳ, କଫ ଓ ଶୁକ୍ର ଦ୍ୱାରା ଗୋଟିଏ ପ୍ରାଣୀଙ୍କ ଠାରୁ ଅନ୍ୟ ପ୍ରାଣୀଙ୍କୁ ସଂକ୍ରମିତ ହୋଇଥାଏ।

### ୨ ମାଓବାଦୀ ଗିରଫ





**ମାଲକାନଗିରି, ୯।୯ (ସ୍ୱ.ପ୍ର.)-** ସୋମବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆନଭାରମ ପୋଲିସ ୨ଜଣ ମାଓବାଦୀ ମିଲିସିୟାଙ୍କୁ ଗିରଫ କରିଛି। ସେମାନେ ହେଲେ କୋରା ସିଦୁରୁ ଓ ବନ୍ତଲା ବେଂଜି ବାବୁ। ଏହି ଦୁଇ ମାଓବାଦୀ ଆନ୍ଧ୍ର ଓଡିଶା-ବର୍ଡର ଜୋନାଲ କମିଟି ସଦସ୍ୟ ବୋଲି ଜଣାପଡିଛି। ଉଭୟଙ୍କ ଘର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ଗ୍ରାମରେ।

## ଲଗାଣ ବର୍ଷାରେ କଲଭର୍ଟ ଦବି ଯୋଗାଯୋଗ ବିଚ୍ଛିନ୍ନ

ପଦ୍ମଗିରି,୯।୯

ମାଲକାନଗିରି ଜିଲା ସଦର ବ୍ଲକ ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତା ସିନ୍ଧ୍ରିମାଳ ଠାରୁ ପଦ୍ମଗିରି ରାସ୍ତାର ଚମ୍ପାନଗରଠାରେ ଥିବା କଲଭର୍ଟ ପ୍ରବଳ ବର୍ଷାରେ ଦବି ଯାଇଛି। ଫଳରେ ଏହି ରାସ୍ତାରେ ମାଲକାନଗିର-ପଦ୍ମଗିରି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏପରିକି ଉକ୍ତ ରାସ୍ତାରେ ଦୁଇ ଚକିଆ ଯାନ ଯାତାୟାତ କରିବା ମଧ୍ୟ କଷ୍ଟକର ହୋଇପଡିଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ସଦର ମହକୁମାରୁ ପଦ୍ମଗିରି, ଉଡୁପା,ଝରାପାଲ୍ଲି, ତଣ୍ଡାପାଲ୍ଲି ଆଦି ପଞ୍ଚାୟତ ଅଞ୍ଚଳରୁ ପ୍ରତିଦିନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅନ୍ୟମାନେ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି।ସେମାନେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଦବି ଯାଇଥିବା କଲଭର୍ଟ ।

### ଅଟୋ ସହ ବାର୍‌ହା ଧକ୍କା, ୬ ଆହତ

ବେଗୁନିଆପଡା, ୯।୯(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ବୁରୁଝରିଠାରୁ ସୁମଣ୍ଡଳ ରାସ୍ତା ମଝିରେ ସୋମବାର ଅଟୋ ସହ ଏକ ବାର୍‌ହା ଧକ୍କା ହେବାରୁ ୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ହାଡୁ ମୁଦୁଲି, ଦୁବ ନାୟକ, ବିଷ୍ଣୁ ସେଠୀ, ସୁନ୍ଦରୀ ସାହୁ, ପ୍ରତିମା ବେହେରା ଓ ମାନି ଡାକୁଆ। ସମସ୍ତଙ୍କୁ ସୁମଣ୍ଡଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହାଡୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଅଟୋଟି ଯାତ୍ରୀଙ୍କୁ ନେଇ ସୁମଣ୍ଡଳରୁ ବେଗୁନିଆପଡ଼ା ଯିବା ବେଳେ ବଣିଆବାଡ଼ି ନିକଟରେ ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ହଠାତ୍ ଏକ ବାର୍‌ହା ରାସ୍ତା ଉପରକୁ ଆସି ଅଟୋ ସହ ଧକ୍କା ହୋଇଥିଲା। ଫଳରେ ଦୁର୍ଘଟଣା ଘଟିଥିଲା।

## ଅନୁପ୍ରିୟାଙ୍କ ମାଆବାପା ସମ୍ବର୍ଦ୍ଧିତ



ଅନୁପ୍ରିୟାଙ୍କ ମା ବାପାଙ୍କୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରୁଛନ୍ତି ।

ମାଲକାନଗିରି,୯।୯(ସ୍ୱ.ପ୍ର.)

ମାଲକାନଗିରି ଜିଲାର ପ୍ରଥମ ଆଦିବାସୀ ଓଡିଆ ଝିଅ ଅନୁପ୍ରିୟା ଲାକ୍ରା ଜିଲାର ପ୍ରଥମ ମହିଳା ପାଇଲଟ ଭାବେ ନିଯୁକ୍ତି ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଛୁଟିବାରେ ଲାଗିଛି। ଅନୁପ୍ରିୟା ଏକ ଘରୋଇ ଏୟାର ଲାଇନ୍ସର କୋ ପାଇଲଟ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ବାପା ମାରିନିୟସ ଲାକ୍ରା ଓ ମାଆ ଜାମାଜ ୟାସ୍ମିନ ଲାକ୍ରାଙ୍କୁ ସୋମବାର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିଛନ୍ତି। ସର୍କିଟ ହାଉଠାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୀଷ ଅଗ୍ରୱାଲ, ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ ଏବଂ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ଉପସ୍ଥିତ ଥିଲେ। ଅନୁପ୍ରିୟା ଯଦି ପାଇଲଟିଂରେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଆବଶ୍ୟକ କରନ୍ତି ତେବେ ତାଙ୍କୁ ଜିଲା ପ୍ରଶାସନ ସହାୟତା ଯୋଗାଇ ଦେବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।

## ଶିଶୁଙ୍କ ଅପପୁଷ୍ଟି ରୋକିବା ନେଇ କର୍ମଶାଳା





କର୍ମଶାଳାରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ଗ୍ରାମବାସୀ ।

ପଦ୍ମଗିରି,୯।୯

ମାଲକାନଗିରି ଜିଲାରେ ଶିଶୁମାନଙ୍କ ଅପପୁଷ୍ଟି ହାର ବୃଦ୍ଧି ପାଇବାରେ ଲାଗିଛି। ଏହି ଅପପୁଷ୍ଟିକୁ ରୋକିବା ପାଇଁ ଜାତୀୟ ପୁଷ୍ଟି ମାସ ଅବସରରେ ମହିଳାମାନଙ୍କୁ ନେଇ ଏକ ପୁଷ୍ଟିସାଧନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥ ମାଡକାମି, ମଙ୍ଗୁଡୁ ଖୋଡା, ବିକାଶ ମାହାଲି, ମହିଳା ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀକାନ୍ତ ମାଡକାମିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତର ମହିଳା ଏବଂ ଶିଶୁମାନଙ୍କୁ ନେଇ ପୁଷ୍ଟିସାଧନ ପନିପରିବା ସେବନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ମହିଳା ବର୍ଷା ଋତୁରେ ଅତି ସହଜରେ ନିଜ ବାଡି ବଗିଚାରେ ସଜନା, ଭେଣ୍ଡି, କୋବି, କଞ୍ଚା କଦଳୀ, ମୂଳା, ଟମାଟୋ ଚାଷ କରି ଏହାର ଉତ୍ପାଦନ ବୃଦ୍ଧି କରିପାରିବେ । ଏହି ସବୁ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଦୈନିକ ଶିଶୁମାନଙ୍କୁ ଦେଲେ ପୁଷ୍ଟିହୀନତା ଦୂର ହୋଇପାରିବ । କେବଳ ଶିଶୁ ନୁହେଁ ପ୍ରସୂତିମାନେ ମଧ୍ୟ ଏହି ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ଶରୀରରେ ରକ୍ତ ବୃଦ୍ଧି ହେବା ସହ ପୁଷ୍ଟିହିନତା ଦୂର ହୋଇପାରିବ। ଫଳରେ ଶିଶୁମାନେ ମା'କ୍ଷୀର ପ୍ରଚୁର ପରିମାଣରେ ପାଇପାରିବେ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କର୍ମଶାଳାରେ ଆଶା କର୍ମୀଙ୍କ ସହ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ।

### ଭସାଣି ବେଳେ ଅଘଟଣ ପୋଖରୀରେ ବୁଡ଼ି ନାବାଳକ ମୃତ

ବ୍ରହ୍ମପୁର ଅଫିସ,୯।୯

ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଚଞ୍ଚଡାପଡ଼ିଆ ସାହି ନିକଟ ଏକ ପୋଖରୀରେ ରବିବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଦୁର୍ଘଟଣା ଘଟିଛି। ପୋଖରୀରେ ବୁଡ଼ି ଶ୍ୱାସରୁଦ୍ଧ ହୋଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋମନାଥ ନଗରର ଜ୍ୟୋତି ପ୍ରସାଦ ପାଢ଼ୀଙ୍କ ପୁଅ ସୁଶାନ୍ତ(୧୧)। ସୋମନାଥନଗରର ପୂଜା ପାଉଥିବା ଗଣେଶଙ୍କ ମୂର୍ତ୍ତିକୁ ରବିବାର ସନ୍ଧ୍ୟାରେ ବିସର୍ଜନ ପାଇଁ ନିକଟସ୍ଥ ପୋଖରୀକୁ ନିଆଯାଇଥିଲା। ସାହିର କେତେକ ଯୁବକଙ୍କ ସହ ସୁଶାନ୍ତ ମଧ୍ୟ ଯାଇଥିଲେ। ମୂର୍ତ୍ତି ବିସର୍ଜନ ବେଳେ ସୁଶାନ୍ତଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ପରିବାର ଲୋକେ ପୋଲିସକୁ ନ ଜଣାଇ ମେଡିକାଲରୁ ମୃତଦେହ ଆଣି ନିକଟସ୍ଥ ଶ୍ମଶାନରେ ସତ୍କାର କରି ଦେଇଥିଲେ ବୋଲି ପୋଲିସ କହିଛି।

## ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ବଦଳି ବାତିଲ ଦାବି



ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି ।

ମାଲକାନଗିରି,୯।୯(ଡି.ଏନ.ଏ.)

ମାଲକାନଗିରି ଜିଲା ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ବଦଳି ବାତିଲ ପାଇଁ ଜିଲାପାଳଙ୍କ ନିକଟରେ ସୋମବାର ଦାବି ହୋଇଛି। ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲା ହୋଇଥିବାରୁ ଏହାର କଳା, ସଂସ୍କୃତି ସହ ପରିଚିତ ହେବାକୁ ଜଣେ ଅଧିକାରୀଙ୍କୁ ବହୁ ସମୟ ଲାଗିଥାଏ। ପ୍ରକଳ୍ପ ପ୍ରଶାସକ ଗଣ୍ଡ ଇତିମଧ୍ୟରେ ଜିଲା ସହ ଜଡ଼ିତ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଥିଲେ। ଆଦିବାସୀଙ୍କ କଳା ଓ ସଂସ୍କୃତି ସହ ପରିଚିତ ହୋଇଥିଲେ। ତାଙ୍କ ବଦଳି ଆଦେଶ ବାତିଲ କରିବାକୁ ସଙ୍ଗଠନ ଦାବି କରିଛି। ଜିଲାପାଳ ମନୀଷ ଅଗ୍ରୱାଲ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ କର୍ମକର୍ତ୍ତାମାନେ ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ବୋଲି ସଙ୍ଗଠନର ସଭାପତି ଅନାଦି କଡ଼ା, ସମ୍ପାଦକ ଧାନଫୁଲ ବାରିକ ଓ ସଙ୍ଗଠନ ସମ୍ପାଦକ ଧନୁର୍ଜ୍ୟ ହନ୍ତାଳ କହିଛନ୍ତି।

## ସଡକ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.)

ଚିତ୍ରକୋଣ୍ଡା ଥାନା ପକ୍ଷରୁ ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟର ସହଯୋଗରେ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଯୁଗଳ ଶବରଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏସଆଇ ସଂଗ୍ରାମ କେଶରୀ ପାଇକରାୟ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ୬ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଥାନା କର୍ମଚାରୀଙ୍କ ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଛାତ୍ରୀମାନେ ହାତରେ ପ୍ଲା କାର୍ଡ, ବ୍ୟାନର, ପୋଷ୍ଟର ଧରି ସଡକ ସୁରକ୍ଷା ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଛୋଟ ପିଲାଙ୍କୁ ଗାଡି ଚଳାଇବାକୁ ନ ଦେବା, ଟ୍ରାଫିକ ନିୟମ ମାନିବା, ଗାଡିର ସମସ୍ତ କାଗଜପତ୍ର ଠିକ୍ ରଖିବା ନେଇ ଲୋକଙ୍କୁ ବୁଝାଇଥିଲେ।



ସଡକ ସୁରକ୍ଷା ନେଇ ବାହାରିଥିବା ଶୋଭାଯାତ୍ରା ।

■ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

## ତୃଣମୂଳ ସ୍ତରର ସଙ୍ଗଠନ ଉପରେ ଗୁରୁତ୍ୱ

ମାଲକାନଗିରି,୯।୯(ଡି.ଏନ.ଏ.)–

ମାଲକାନଗିରି ସଦର ମହକୁମାସ୍ଥିତ ନଗର ଭବନଠାରେ ଜିଲା ବିଜୁ ଜନତା ଦଳର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ତଥା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ମାନସ ମାଡ଼କାମିଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥୀ ବେହେରା, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲା ସମ୍ପାଦକ ପ୍ରୀତପାଲ ସିଂ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ରାଜୱନ୍ତ କୌରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳର ସଦସ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ପ୍ରତ୍ୟେକ ୱାର୍ଡ ଓ ପଞ୍ଚାୟତରୁ ୪ ଜଣ ଲେଖାଏ ସକ୍ରିୟ ସଦସ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇ ଏ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ତୃଣମୂଳ ସ୍ତରରୁ ଦଳକୁ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅତିଥି ।

## ସଚେତନତା ଶୋଭାଯାତ୍ରା

ଏମଭି ୭୯,୯।୯(ଡି.ଏନ.ଏ.)

ଚଳିତ ମାସ ପହିଲାରୁ ଦେଶରେ ନୂଆ ଟ୍ରାଫିକ ନିୟମ ଲାଗୁ ହୋଇଛି। ଏହାକୁ କଡାକଡି ଭାବେ ପାଳନ କରାଯାଉଛି। ଗାଡିର କାଗଜପତ୍ର ଠିକ୍ ନ ଥିଲେ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ଏହି ପରିପେକ୍ଷୀରେ ସୋମବାର କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ଠାରେ ପୋଲିସ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ହେଲମେଟ ପିନ୍ଧି ଗାଡି ଚଳାଇବା, ଟ୍ରାଫିକ ନିୟମ ମାନିବା ପାଇଁ ରାସ୍ତାରେ ଯାଉଥିବା ମୋଟରସାଇକେଲ ଚାଳକଙ୍କୁ ଅଟକାଇ ପୋଲିସ ସଚେତନ କରିଥିଲା। ହେଲମେଟ ନ ପିନ୍ଧିଲେ ଆଗାମୀ ଦିନରେ ନୂତନ ନିୟମ ଅନୁଯାୟୀ ଜରିମାନା କରାଯିବ ବୋଲି ଅବଗତ କରାଯାଇଥିଲା। ଏହି ଅବସରରେ ଟ୍ରାଫିକ ନିୟମ ଲେଖାଥିବା ଏକ ପ୍ରଚାରପତ୍ର ଲୋକଙ୍କୁ ବଣ୍ଟା ଯାଇଥିଲା।



ପୋଲିସ ପକ୍ଷରୁ ଲୋକଙ୍କୁ ମୋଟର ଯାନ ନୂଆ ନିୟମ ସମ୍ପର୍କରେ ସଚେତନ କରାଯାଉଛି।

■ ଚୋରା ମୋଟରସାଇକେଲ କିଣିବା ମହଙ୍ଗା ପଡିଲା

## ଦୁଇ ଗାଡି ଚୋରଙ୍କ ସହ ୭ କ୍ରେତାଙ୍କୁ ଗିରଫ

ମାଲକାନଗିରି,୯।୯(ଡି.ଏନ.ଏ./ସ୍ୱ.ପ୍ର.)

ମାଲକାନଗିରି ପୋଲିସ ଏକ ମୋଟରସାଇକେଲ ର୍‍ୟାକେଟର ୨ଜଣଙ୍କୁ ସୋମବାର ଗିରଫ କରିଛି। ଏଥିସହ ଚୋରା ମୋଟରସାଇକେଲ କିଣିଥିବା ୭ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍.ପି. ହ୍ରିସିକେଷ ଡି. ଖିଲାରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାଲକାନଗିରି ସଦର ଥାନା ପେଦାବାଡା ଗ୍ରାମର ଫୁଲନ୍ଧର ଖିଲ (୩୦) ଏବଂ ବଣ୍ଡାଗୁଡା ଗ୍ରାମର ଦାମୋଦର ହନ୍ତାଳ (୩୦) ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟରସାଇକେଲ ଚୋରି କରି ଆଣୁଥିଲେ। ଏହାପରେ ଗାଡିଗୁଡିକୁ ବିଭିନ୍ନ ଲୋକଙ୍କୁ ବିକ୍ରି କରୁଥିଲେ। ସେମାନେ ଆଣିଥିବା ଚୋରା ମୋଟରସାଇକେଲକୁ ସୁଣ୍ଠିଗୁଡା ଗ୍ରାମର ଦୁର୍ଯ୍ୟୋଧନ ବିଶୋୟୀ, ଆଲାମପଦା ଗ୍ରାମର ଡମ୍ବରୁ କୁଟିଆ, ପେଦାବାଡା ଗ୍ରାମର ସନୁ ଖିଲ, କାଦଗୁଡା ଗ୍ରାମର ପର୍ଶୁ ବରଜା, କାଦଗୁଡା ଗ୍ରାମର କ୍ରିଷ୍ଣ ବରଜା, ଡଙ୍ଗରଗୁଡା ଗ୍ରାମର ରାମଚନ୍ଦ୍ର ବିଶୋୟୀ ଓ ଡଙ୍ଗରଗୁଡା ଗ୍ରାମର ଜଗନ୍ନାଥ ଖିଲ କିଣିଥିଲେ। ଆଉ ୩ଟି ଗାଡି ବିକ୍ରି ପାଇଁ ରଖିଥିଲେ। ମାଲକାନିଗିରି ପୋଲିସ ଏ ସମ୍ପର୍କରେ ସୁରାକ ପାଇ ଚଢାଉ କରି ଫୁଲନ୍ଧର ଓ ଦୁର୍ଯ୍ୟୋଧନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧୦ଟି ମୋଟରସାଇକେଲ ଜବତ ହୋଇଛି। ଚୋରା ମୋଟରସାଇକେଲ କିଣିଥିବା ଉପରୋକ୍ତ ୭ଜଣ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ଏସପି ପ୍ରକାଶ କରିଛନ୍ତି। ଏନେଇ କେସ୍ ନଂ. ୨୦୫/୧୯ରେ ମାମଲା ରୁଜୁ ହୋଇଛି। ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲିଏସପି ଖିଲାରି କହିଛନ୍ତି।



ଜବତ ହୋଇଥିବା ଗାଡି ଓ ଗିରଫ ୨ ଅଭିଯୁକ୍ତ ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ